ସମସ୍ତଙ୍କ ପାଇଁ ସାହିତ୍ୟମାଳା

ନଟସମ୍ରାଟ
ରାମଶଙ୍କର ରାୟ

ଡକ୍ଟର ହେମନ୍ତ କୁମାର ଦାସ

Digitized by srujanika@gmail.com

ସମସ୍ତଙ୍କ ପାଇଁ ସାହିତ୍ୟମାଳା

ନାଟ୍ୟସମ୍ରାଟ
ରାମଶଙ୍କର ରାୟ

ଡକ୍ଟର ହେମନ୍ତ କୁମାର ଦାସ

Digitized by srujanika@gmail.com

ନଟସମ୍ରାଟ୍ ରାମଶଙ୍କର ରାୟ

ଲେଖକ : ଡକ୍ଟର ହେମନ୍ତ କୁମାର ଦାସ
'ପ୍ରଶାନ୍ତି ଆପାର୍ଟମେଣ୍ଟସ୍', ଦେଉଳ ସାହି
ତୁଳସୀପୁର, କଟକ - ୭୫୩ ୦୦୮

ପ୍ରକାଶକ : ବିଜୟିନୀ ପବ୍ଲିକେଶନ୍ସ
ଶଙ୍କରପୁର, ଅରୁଣୋଦୟ ମାର୍କେଟ୍, କଟକ - ୧୨

ପ୍ରଥମ ପ୍ରକାଶନ : ୨୦୧୪

ପ୍ରଚ୍ଛଦ : ବିଜୟ ପ୍ରଧାନ

ମୁଦ୍ରଣ : ସଙ୍ଗୀତା ପ୍ରିଣ୍ଟର୍ସ, କଟକ

Natasamrat Ramshankar Roy

Writer : Dr. Hemant Kumar Das
'Prasanti Apartments', Deulasahi
Tulasipur, Cuttack - 753 008

Publisher : Bijayinee Publications
Shankarpur, Arunodaya Market, Cuttack - 753 012
Voice : 9439241471

First Edition : 2014

Cover Art : Bijay Pradhan

Printed at : Sangeeta Printers, Cuttack

Price : ₹ 30 ISBN : 978-93-82360-88-9

Digitized by srujanika@gmail.com

ନଟସମ୍ରାଟ୍ ରାମଶଙ୍କର ରାୟ

ଯିଏ ବାଟ ଫିଟାଇଲେ

୧୮୭୮ ମସିହା ଅର୍ଥାତ୍ ଆଜିଠାରୁ ୧୩୫ ବର୍ଷ ତଳର କଥା । ସେଦିନ କଟକରେ ଗୋଟିଏ ନୂଆ କଥା ହେଲା । କଟକର ଲୋକେ ପ୍ରଥମଥର ପାଇଁ ନାଟକଟିଏ ଦେଖିବାକୁ ପାଇଲେ । ଆଗରୁ ଏଠି ଲୀଳା, ଯାତ୍ରା, ସୁଆଙ୍ଗ ଆଦି ଅଭିନୀତ ହେଉଥିଲା । ଚାରିଆଡ଼ ଖୋଲା- ଅଳ୍ପ ଉଚ୍ଚ ଗୋଟିଏ ଜାଗାର ଚାରିଆଡ଼ ଘେରି ଲୋକେ ବସୁଥିଲେ । ସୁଆଙ୍ଗିଆମାନେ ସେହି ଖୋଲା ଜାଗାରେ ଅଭିନୟ

Digitized by srujanika@gmail.com

କରୁଥିଲେ । ରାତିରେ ମଶାଲ ଆଲୁଅରେ ଅଭିନୟ କରାଯାଉଥିଲା । ଏବେ ଯେଉଁ ନୂଆ ପ୍ରକାରର ଅଭିନୟ ବ୍ୟବସ୍ଥା କରାଗଲା- ତା'ର ମଞ୍ଚ ତିନି ପଟରୁ ଘେରା... କେବଳ ଗୋଟିଏ ପଟ ଖୋଲା, ତା' ଆଗରେ ବସିବେ ଦେଖଣାହାରିମାନେ । ମଞ୍ଚ ଉପରେ ରଙ୍ଗବେରଙ୍ଗର ପର୍ଦ୍ଦା । କୋଉଥିରେ ବଗିଚାର ଚିତ୍ର ତ କୋଉଠି ବଣଜଙ୍ଗଲ, କୋଉଠି ଘରଦ୍ୱାର ତ କୋଉଠି ରାସ୍ତାଘାଟ । ନାଟୁଆମାନେ ତା' ଆଗରେ ଠିଆହୋଇ ବଚନିକା କହନ୍ତି । କାରବାଇଡ୍ ଲାଇଟ୍ କି ଗ୍ୟାସ ଲାଇଟ୍‌ର ତୋଫା ଆଲୁଅରେ ଅଭିନୟ । କଟକିଆଙ୍କ ମନ ଖୁସ୍ ହୋଇଯାଇଥିଲା ସେଦିନ । ନାଟକଟିର ନାମ 'ରାମାଭିଷେକ' । ଭାଷା ବଙ୍ଗଳା । ଦର୍ଶକମାନଙ୍କ ଭିତରେ ଥିଲେ ସେ ଦିନର କଲେଜ ଛାତ୍ର ରାମଶଙ୍କର ରାୟ । ଫେରିଲାବେଳେ ଭାବିଲେ- ଓଡ଼ିଆରେ ନାଟକ ନାହିଁ ବୋଲି ସିନା ଆଜି ଉଦ୍ୟୋକ୍ତାମାନେ ବଙ୍ଗଳା ନାଟକର ଅଭିନୟ କଲେ । ଓଡ଼ିଆରେ କୁଆଡ଼େ ନାଟକ ଲେଖା ହୋଇପାରିବ ନାହିଁ ଏମାନେ କହୁଛନ୍ତି । ହେବ କି ନ ହେବ, ସେତ ପଛ କଥା । ଚେଷ୍ଟା କରି ଦେଖିଲେ କ୍ଷତି କ'ଣ ? ସେ ଅନ୍ତତଃ ଥରେ ଚେଷ୍ଟା କରି ଦେଖିବେ ।

ସେଇ ଦିନଠୁଁ ସେ ଚିନ୍ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଲାଗିପଡ଼ିଥିଲେ । କଟକ ସହରରେ ତାଙ୍କରି ଲେଖା ନାଟକ ହିଁ ହେବ ପ୍ରଥମ ଓଡ଼ିଆ ନାଟକର ଅଭିନୟ । ଏମିତି ସ୍ୱପ୍ନ ସେ ଦେଖୁଥିଲେ । ଶେଷରେ ତାଙ୍କର ସ୍ୱପ୍ନ ସତ ହେଲା । କଟକରେ ତାଙ୍କ ଲେଖା ଓଡ଼ିଆ ନାଟକ 'କାଞ୍ଚିକାବେରୀ' ପ୍ରଥମଥର ପାଇଁ ଅଭିନୀତ ହେଲା ୧୮୮୧ ମସିହା ଫେବୃୟାରୀ ମାସ ସାତ ଏବଂ ଆଠ ତାରିଖ, ଦୁଇଦିନ । ରାମଶଙ୍କର ଓଡ଼ିଶାବାସୀ ବଙ୍ଗାଳୀ । ରହନ୍ତି କଟକ ଚୌଧୁରୀବଜାରର 'ରାୟ ନିବାସ'ରେ । ଏଠି ତାଙ୍କର ଅଭିଭାବକ ହେଉଛନ୍ତି 'ଉତ୍କଳ ଦୀପିକା'ର ସଂପାଦକ ଗୌରୀଶଙ୍କର ରାୟ, ତାଙ୍କର ବଡ଼ଭାଇ । ଗୌରୀଶଙ୍କର ସେତେବେଳେ ଓଡ଼ିଶାର ଶିକ୍ଷିତ ସମାଜର ଘରେ ଘରେ ପରିଚିତ । ଓଡ଼ିଶାର ସ୍ୱାର୍ଥ ପାଇଁ ଲଢ଼େଇ କରୁଥିବା ଓଡ଼ିଆ ଭାଷାର ଏକମାତ୍ର ସମ୍ବାଦପତ୍ର 'ଉତ୍କଳ ଦୀପିକା'ର ସେ ହେଉଛନ୍ତି ସଂପାଦକ । କଟକ ପ୍ରିଣ୍ଟିଂ ପ୍ରେସ ବୋଲି

Digitized by srujanika@gmail.com

ଛାପାଖାନାଟିଏ ବସାଇ ସେଥିରେ କେତେଖଣ୍ଡି ପୁରୁଣା ଓଡ଼ିଆ କାବ୍ୟ ବି ଛପାଇ ସାରିଲେଣି । ରାମଶଙ୍କର ରାୟ ତାଙ୍କରି ତତ୍ତ୍ୱାବଧାନରେ କଟକରେ ରହିଗଲେଣି ୧୦/୧୨ ବର୍ଷ । ସାତବର୍ଷ ହୋଇଥିଲା । ଗାଁ ଦୀକ୍ଷିତପଡ଼ା ଛାଡ଼ି ବଡ଼ଭାଇ ଗୌରୀଶଙ୍କରଙ୍କ ପାଖକୁ ଆସିଥିଲେ । ଭାଇ ତାଙ୍କଠୁ ଉଣେଇଶି ବର୍ଷ ବଡ଼ । ସେତେବେଳକୁ ରୋଜଗାର କରି ବାପାଙ୍କ କାନ୍ଧରେ କାନ୍ଧ ମିଶାଇଲେଣି । ଗାଁ ଛାଡ଼ିଲାବେଳେ ମାଆ କହି ଦେଇଥିଲେ- ବଡ଼ଭାଇ ସିଏ- ପିତୃ ସମାନ । ମୁଣ୍ଡ ତଳକୁ କରି ତାଙ୍କ ସାଥିରେ କଥା କହିବୁ । ମୁହଁ ଉପରେ କେବେବି ଜବାବ ଦେବୁ ନାହିଁ । ରାମଶଙ୍କର ମାଆଙ୍କ କଥା ଅକ୍ଷରେ ଅକ୍ଷରେ ମାନିଛନ୍ତି । ତାଙ୍କ ମୁହଁକୁ ଅନେଇ ଜବାବ ଦେବେ କ'ଣ ! ବଡ଼ଭାଇଙ୍କ ପୁଅ ତ ତାଙ୍କରି ବୟସର । 'କାକା' 'କାକା' ଡାକି ସବୁବେଳେ ପଛେ ପଛେ ଚାଲିଥାଏ । ଅକାଳରେ ଚାଲିଗଲା ବିଚରା । କାଳ କାଳକୁ ତାଙ୍କ ଛାତିରେ ଗହୀରିଆ ଦାଗଟିଏ ରହିଗଲା । ରାମଶଙ୍କର ଦୀର୍ଘଶ୍ୱାସଟିଏ ଛାଡ଼ନ୍ତି ।

ଏଇଠି ଆମ ରାମଶଙ୍କରଙ୍କୁ ଛାଡ଼ି ଆସ । ତାଙ୍କ ପରିବାର ବିଷୟରେ ଟିକିଏ ଜାଣିବା । ଦୀକ୍ଷିତପଡ଼ା ଗାଆଁ ତାଙ୍କର ଜନ୍ମଭୂମି, ସାତପୁରୁଷର ଭିଟାମାଟି । ବଙ୍ଗୀୟମାନେ ଓଡ଼ିଶାର ପଡ଼ୋଶୀ । ବିଭିନ୍ନ ସମୟରେ ବହୁ ବଙ୍ଗୀୟ ଓଡ଼ିଶା ଆସିଛନ୍ତି । ଅଧିକାଂଶ ଆସନ୍ତି ଓଡ଼ିଶାର ମଉଡ଼ମଣି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ । ତା' ସହିତ ଆକର୍ଷଣ ଥାଏ ସମୁଦ୍ରକୂଳ । ଏଭଳି ବେଳାଭୂମିଟିଏ ବଙ୍ଗୀୟମାନେ କାହୁଁ ପାଇବେ ? ପୁଣି ନଦିୟା ନବଦ୍ୱୀପର ଭକ୍ତ ଶିରୋମଣି ଶ୍ରୀଚୈତନ୍ୟ ଦେବ ବଙ୍ଗଦେଶର ମୁସଲମାନ ପ୍ରଶାସକମାନଙ୍କର ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ଓଡ଼ିଶା ପଳାଇ ଆସନ୍ତି ୧୫୧୦ ମସିହାରେ । ଓଡ଼ିଶାର ଗଜପତି ସେତେବେଳେ ପ୍ରତାପରୁଦ୍ର ଦେବ । ମୁସଲମାନମାନେ ଦକ୍ଷିଣ ଆଉ ଉତ୍ତର ଦୁଇ ଦିଗରୁ ଚଢ଼ାଉ କରି ମଧ୍ୟ ଓଡ଼ିଶା ଭିତରକୁ ପଶିପାରୁ ନ ଥାନ୍ତି । ଚୈତନ୍ୟ ଦେବ ପୁରୀ ଆସି ରହୁ ରହୁ ରହିଗଲେ ଅଠର ବର୍ଷ । ଏଇଠି ତାଙ୍କର ତିରୋଧାନ ମଧ୍ୟ ଘଟିଲା । ତାଙ୍କ ସହିତ ଅନେକ ଭକ୍ତ ଓଡ଼ିଶା ଆସିଥିଲେ । ପୁଣି ତାଙ୍କ ରହଣି କାଳ ମଧ୍ୟରେ ବି କିଛି ବଙ୍ଗୀୟ ଏଠାକୁ ଆସୁଥିଲେ । ଓଡ଼ିଶାର ଶାନ୍ତି ଏବଂ

Digitized by srujanika@gmail.com

ସୁଶାସନରେ ଆକୃଷ୍ଟ ହୋଇ ସେଇ ପର୍ଯ୍ୟଟକମାନଙ୍କ ଭିତରୁ କିଛି ଏଠାରେ ସବୁଦିନ ପାଇଁ ରହିଯାଆନ୍ତି । ଏହିଭଳି ଆଗନ୍ତୁକମାନଙ୍କ ଭିତରେ ଥିଲେ ଦୀକ୍ଷିତପଡ଼ାର ରାୟ ପରିବାର ।

ସେମାନଙ୍କର ଓଡ଼ିଶା ଆସିବା ବିଷୟରେ ଆଉ ଗୋଟିଏ କଥା ବି ଶୁଣାଯାଏ । ମୋଗଲମାନେ ଓଡ଼ିଶା ଅଧିକାର କରିଗଲା ପରେ ଏଠାର ଜମିଜମାର ବନ୍ଦୋବସ୍ତ କରିବା ପାଇଁ ଏଠାକୁ ଆସନ୍ତି ଆକବରଙ୍କ ରାଜସ୍ୱମନ୍ତ୍ରୀ ତୋଡ଼ରମଲ୍ଲ । ସେହି କାମରେ ତାଙ୍କୁ ସାହାଯ୍ୟ କରିବା ପାଇଁ କେତେକ ବଙ୍ଗୀୟ ପରିବାର ଓଡ଼ିଶା ଆସି ଏଠି ସ୍ଥାୟୀ ଭାବରେ ରହିଯାଆନ୍ତି । ରାୟ ପରିବାର ତାହାରି ଭିତରୁ ଗୋଟିଏ । ପୁଣି ଶାସନ କାର୍ଯ୍ୟରେ ଇଂରେଜମାନଙ୍କୁ ସାହାଯ୍ୟ କରିବା ପାଇଁ ଯେଉଁ ବଙ୍ଗୀୟମାନେ ଏଠାକୁ ଆସିଥିଲେ ରାୟଙ୍କର ପୂର୍ବପୁରୁଷ ସେମାନଙ୍କ ଭିତରେ ଥିଲେ ବୋଲି ଆଉ ଗୋଟିଏ କଥା ବି ଶୁଣିବାକୁ ମିଳେ । ରାୟମାନଙ୍କର ଆଦିନିବାସ ସଂପର୍କରେ ଶେଷ କଥାଟି ହେଉଛି ଏହିପରି । ଏମାନଙ୍କର ପୂର୍ବପୁରୁଷ ରହୁଥିଲେ ବଙ୍ଗଦେଶର ବର୍ଦ୍ଧମାନ ଜିଲ୍ଲାର ଚମ୍ପାପୁର ନାମକ ଗାଆଁରେ । ୧୫୩୮ ମସିହା ବେଳକୁ ସେହି ଅଞ୍ଚଳରେ ଶେରଶାହ ସୁରୀ ଆଉ ମୋଗଲମାନଙ୍କ ଭିତରେ ଗୋଳ ଆରମ୍ଭ ହେଲା । ସେତିକିବେଳେ ରାୟବଂଶର ପୂର୍ବପୁରୁଷ ପିଲାଛୁଆ ନେଇ ଓଡ଼ିଶା ପଳାଇ ଆସିଥିଲେ । ଏଠି ସେଠି ରହୁ ରହୁ ଶେଷରେ ଅସୁରେଶ୍ୱର ନିକଟ ଦୀକ୍ଷିତପଡ଼ାରେ ସ୍ଥାୟୀ ହୋଇ ରହିଗଲେ । ଏଥିରୁ ଏହି ବଙ୍ଗୀୟ ପରିବାରଟି ଷୋଡ଼ଶ ଶତକରେ ଓଡ଼ିଶା ଆସିଥିବା ପ୍ରାୟ ପ୍ରମାଣିତ ହେଉଛି । ରାମଶଙ୍କରଙ୍କର ଜନ୍ମ ଏହି ପରିବାରରେ ୧୮୫୭ ମସିହା ଜୁନ୍‌ମାସରେ ।

କଟକରେ ବି କାଳକ୍ରମେ ରାୟମାନଙ୍କର ଆଉ ଗୋଟିଏ ଘର ହେଲା । ଚୌଧୁରୀବଜାରର ସଖୀମଠ ପୁରୀର ଏମାରମଠ ଅଧୀନରେ ଥାଇ ପରିଚାଳିତ ହେଉଥିଲା । ମାଧବ ପ୍ରସାଦ ରାୟ ମଠର ପରିଚାଳନା ଭାର ଏମାରମଠ ମହନ୍ତଙ୍କ ଠାରୁ ଗ୍ରହଣ କରିଥିଲେ । କାଳକ୍ରମେ 'ରାୟନିବାସ' ସେଇଠି ତିଆରି ହେଲା । ରାୟମାନଙ୍କର ପୂର୍ବ ଉପାଧି ଥିଲା 'ବସୁ' ବା 'ବୋଷ' । କଟକରେ ସମ୍ଭବତଃ ଇଂରେଜମାନଙ୍କଠାରୁ ସେମାନେ 'ରାୟ' ଉପାଧି ଲାଭ କରିଥିଲେ । ଏଇ ମାଧବ

Digitized by srujanika@gmail.com

ରାୟଙ୍କର ଥିଲେ ଚାରୋଟି ପୁଅ- ସଦାଶିବ ବଡ଼ । ସଦାଶିବ ବି ଚାରି ପୁଅଙ୍କର ବାପା । ସେମାନେ ହେଲେ ଗୌରୀଶଙ୍କର, ଗଙ୍ଗାଶଙ୍କର, ହରିଶଙ୍କର ଆଉ ରାମଶଙ୍କର । ଅଠର ବର୍ଷ ବୟସରେ ଗଙ୍ଗାଶଙ୍କର ଅକସ୍ମାତ୍ ମରିଗଲେ । ସେହିଭଳି ଚଉରାଳିଶ ବର୍ଷ ବୟସରେ ହରିଶଙ୍କର ମଧ୍ୟ ସେପାରିକୁ ଚାଲିଗଲେ । ଗୌରୀଶଙ୍କରଙ୍କ ଭଳି ସେ ମଧ୍ୟ ବଡ଼ ନାଟଗୀତ ସଉକିଆ ଥିଲେ । କଟକରେ ପ୍ରଥମଥର ପାଇଁ ଯେଉଁ 'ରାମାଭିଷେକ' ବଙ୍ଗଳା ନାଟକ ମଞ୍ଚସ୍ଥ ହେଲା, ହରିଶଙ୍କର ଥିଲେ ତା'ର ପ୍ରଧାନ ଯୋଗାଡ଼ିଆ । ଶେଷକୁ ରହିଗଲେ ଦୁଇଜଣ- ସବାବଡ଼ ଗୌରୀଶଙ୍କର ଆଉ ସବାସାନ ରାମଶଙ୍କର ।

ରାମଶଙ୍କରଙ୍କର ଜନ୍ମ ଦୀକ୍ଷିତପଡ଼ାରେ । ସେଇଠି ସେ ପାଞ୍ଚ ବର୍ଷ ବୟସରେ ପାଠପଢ଼ା ଆରମ୍ଭ କରିଥିଲେ । ଇଂରେଜମାନେ ଓଡ଼ିଶା ଅଧିକାର କଲା ପରେ ଏଠାର ପୁରୁଣାକାଳିଆ ଚାହାଳି ଶିକ୍ଷାକୁ ଉଠାଇ ଦେଇ ନୂଆ ପ୍ରକାରର ଶିକ୍ଷା ବ୍ୟବସ୍ଥା ଆରମ୍ଭ କଲେ । ତେବେ ଆରମ୍ଭରୁ ଓଡ଼ିଆମାନେ ଇଂରେଜମାନେ ବସାଇଥିବା ସ୍କୁଲରେ ପଢ଼ିବାକୁ ଆସୁ ନ ଥିଲେ । ଲୋକଙ୍କର ବିଶ୍ୱାସ ଥିଲା, ସେ ସବୁ ସ୍କୁଲରେ ପଢ଼ିଲେ ଜାତି ଯିବ । ସରକାର ଜବରଦସ୍ତି ପିଲାମାନଙ୍କୁ କିରସ୍ତାନ କରିଦେବେ । ତେବେ ଧୀରେ ଧୀରେ ଏହି ଧାରଣା ବଦଳିଲା । ସ୍କୁଲମାନ ବସିଲା । ଓଡ଼ିଆ ପିଲାମାନେ ତହିଁରେ ପଢ଼ିଲେ । ଏହିଭଳି କ୍ରମେ ଓଡ଼ିଶାରେ ଶିକ୍ଷିତ ଗୋଷ୍ଠୀ ତିଆରି ହେଲେ । ରାମଶଙ୍କର ଗାଁ ପାଠ ଶେଷ କରି ସାତ ବର୍ଷ ବୟସରେ କଟକ ଆସିଲେ । ବଡ଼ଭାଇଙ୍କ ପାଖରେ ରହି ଇଂରାଜୀ ପଢ଼ିବେ । ସେତେବେଳେ କଟକରେ ଓଡ଼ିଆ ପଢ଼ିବା ପାଇଁ ସ୍କୁଲ ନ ଥିଲା । ତେଣୁ ସେ ଇଂରାଜୀ ସହ ବଙ୍ଗଳା, ଉର୍ଦ୍ଦୁ ଆଉ ସଂସ୍କୃତ ପଢ଼ିଥିଲେ । କ୍ରମେ ଓଡ଼ିଆ ଶିକ୍ଷା ବ୍ୟବସ୍ଥା ହେବାରୁ ତାକୁ ବି ପଢ଼ିଲେ ।

ଭାଷାକୁ ନେଇ ସେତେବେଳେ ଓଡ଼ିଆ ଓ ବଙ୍ଗାଳୀମାନଙ୍କ ମଧ୍ୟରେ ଭାରି କନ୍ଦଳ ଲାଗିଥିଲା । ବଙ୍ଗାଳୀମାନେ ଚାହୁଁଥିଲେ ଓଡ଼ିଆ ସ୍କୁଲରୁ ଓଡ଼ିଆ ଉଠାଇ ଦେଇ ବଙ୍ଗଳା ଚଳାଇବେ । ଇଂରେଜମାନେ ବଙ୍ଗୀୟମାନଙ୍କ କଥାରେ ଚାଲୁଥାଆନ୍ତି । ତଳୁ ଉପରଯାଏ ଶାସନ ଭିତରେ ବଙ୍ଗାଳୀ ଭର୍ତ୍ତି । ସେଠି

Digitized by srujanika@gmail.com

ଓଡ଼ିଆମାନଙ୍କ ଆଡୁ ପଦେ କଥା କହିବା ପାଇଁ ଲୋକ ବା କାହାନ୍ତି ? କିଛି ଦିନ ପାଇଁ ସ୍କୁଲରୁ ଓଡ଼ିଆ ପଢ଼ା ବନ୍ଦ କରି ଦିଆଗଲା । ତେବେ ହାତଗଣତା ହେଲେ ବି ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ କିଛି ଲୋକ ଅଣ୍ଟା ଭିଡ଼ିଲେ । ଗୌରୀଶଙ୍କର ହେଉଛନ୍ତି ସେମାନଙ୍କ ଭିତରେ ଜଣେ ଟାଣୁଆ ନେତା । ସେତେବେଳକୁ ସେ 'ଉତ୍କଳ ଦୀପିକା' ନାମକ ଖବରକାଗଜ ବାହାର କରୁଥାଆନ୍ତି । ସେଇଥିରେ ସେ ଓଡ଼ିଆ ଭାଷା ପକ୍ଷରୁ ଲେଖାମାନ ପ୍ରକାଶ କରି ରାଜ୍ୟସାରା ଲୋକମାନଙ୍କୁ ଏ ବିଷୟରେ ସଚେତନ କରାଇଦେଲେ । ଶେଷକୁ ସରକାର ଓଡ଼ିଆ ଭାଷା ଯେ ବଙ୍ଗଳା ଠାରୁ ସଂପୂର୍ଣ୍ଣ ଅଲଗା ଏବଂ ପୁରୁଣା ଭାଷା- ଏହା ମାନିନେଲେ । ଓଡ଼ିଶାରେ ଓଡ଼ିଆରେ ପାଠ ପଢ଼ା ଆରମ୍ଭ ହେଲା । ରାମଶଙ୍କର ଏହି ସମୟରେ କଟକ ଆସିଥିଲେ । ଓଡ଼ିଆରେ ପଢ଼ିବା ପାଇଁ ମଧ୍ୟ ସୁଯୋଗ ପାଇଲେ ।

ସେତେବେଳେ ଓଡ଼ିଆରେ କୌଣସି ପାଠ୍ୟପୁସ୍ତକ ଲେଖାଯାଇ ନ ଥିଲା । ଓଡ଼ିଆରେ ପଢ଼ାପଢ଼ି ହେବାରୁ ବଙ୍ଗଳା ଓ ଇଂରାଜୀରୁ ପାଠ୍ୟ ବହିମାନ ଓଡ଼ିଆରେ ଅନୁବାଦ କରାଯାଇ ପଢ଼ାଗଲା । ରାମଶଙ୍କର ତାଙ୍କର ପିଲାଦିନର ଓଡ଼ିଆ ପାଠ ବହି ବିଷୟରେ ମନେପକାଇ କହନ୍ତି ଯେ, ପ୍ରଥମ ଶ୍ରେଣୀରେ ତାଙ୍କୁ ଲେଖକ ଜଗନ୍ମୋହନ ଲାଲଙ୍କର 'ଭ୍ରମଭଞ୍ଜନ' ନାମକ ବହିଟି ପଢ଼ିବାକୁ ହୋଇଥିଲା । ଏହିଭଳି ପଢ଼ି ସେ ତେର ବର୍ଷ ବୟସରେ ୧୮୭୦ ମସିହାରେ ଛାତ୍ରବୃତ୍ତି ପରୀକ୍ଷାରେ ପାସ କରିଥିଲେ । ଭଲ ଛାତ୍ର ହୋଇଥିବାରୁ ତାଙ୍କୁ ଏଥିରେ ପ୍ରଥମ ଶ୍ରେଣୀ ମିଳିଥିଲା । ଏହା ପରେ କଟକ ସ୍କୁଲରେ ମାଟ୍ରିକ୍ ପଢ଼ିବା ପାଇଁ ଆରମ୍ଭ କଲେ ।

କିଶୋର ଜୀବନର ଏହି ସମୟଟି ହେଉଛି ବଡ଼ ବିପଦପୂର୍ଣ୍ଣ । ଠିକ୍ ବାଟ ନ ଦେଖାଇଲେ ପିଲାଏ ଭୁଲ ବାଟରେ ଚାଲିଯାଆନ୍ତି । ରାମଶଙ୍କରଙ୍କ କ୍ଷେତ୍ରରେ ତାହାହିଁ ଘଟିଲା । ବାପା ମାଆ ଗାଆଁରେ । ଗୌରୀଶଙ୍କର ସବୁବେଳେ କାର୍ଯ୍ୟବ୍ୟସ୍ତ । ତାଙ୍କୁ ବାଟ ଦେଖାଇବାକୁ କି ଆକଟ କରିବାକୁ କେହି ନାହାନ୍ତି । କହିଲା ଭଳି 'ନିଜ ହାତରେ ନିଜେ ଚଉଦ ପା'- ସେ କୁସଙ୍ଗରେ ପଡ଼ିଗଲେ । ଗୁଡ଼ାଖୁ ଘଷିବା, ଧୂଆଁ ଟାଣିବା, ପାନ ଖାଇବା, ଫେଶନ କରିବା ଇତ୍ୟାଦି

Digitized by srujanika@gmail.com

ଶିଖିଲେ । ପାଠ ପଢ଼ାରେ ମନ ନ ଦେବାରୁ ପ୍ରଥମଥର ପରୀକ୍ଷାରେ ଫେଲ ହୋଇଗଲେ । ଗୌରୀଶଙ୍କର ସାନଭାଇକୁ ପୁଅଠୁଁ ଅଧିକ ଭଲ ପାଉଥିଲେ । ସମାଜରେ ତାଙ୍କର ଗୋଟାଏ ନାଆଁ ଥିଲା । ସାନଭାଇର ଏହି ଫେଲ ହୋଇଯିବା ଘଟଣା ତାଙ୍କୁ ବଡ଼ ବାଧିଲା । ସେ ରାମଶଙ୍କରଙ୍କୁ ଶୁଣାଇ ଶୁଣାଇ କହିଲେ, 'ତୁମେ ତ ପାନ ଖାଇବ । କୁଞ୍ଚ କରି ଲୁଗା ପିନ୍ଧିବ । ତୁମେ କି ପାଠ ପଢ଼ିବ ?' ଭାଇଙ୍କ ଦୁଃଖ ରାମଶଙ୍କର ବୁଝିଲେ । ତାଙ୍କ ମନରେ ବି ଖୁବ୍ ଆଘାତ ଲାଗିଲା । କୁହାଯାଏ ଯେ, ସେ ସେଇଦିନଠୁଁ ଗୁଡ଼ାଖୁ ଘଷି ନାହାନ୍ତି, ପାନ ଖାଇ ନାହାନ୍ତି କି କୁଞ୍ଚକରା ଲୁଗା ପିନ୍ଧି ନାହାନ୍ତି । ମନ ସ୍ଥିର କରି କୌଣସି ନିଷ୍ପତ୍ତି ନେଲେ ମଣିଷ କ'ଣ ନ କରିପାରେ ।

ରାମଶଙ୍କର ସବୁ ଭୁଲି ଏଥର ପଢ଼ାରେ ଲାଗିଲେ । କଠିନ ପରିଶ୍ରମ କଲେ । ଏହାର ଫଳ ତାଙ୍କୁ ମିଳିଲା । ସେ କଲିକତା ବିଶ୍ୱବିଦ୍ୟାଳୟରୁ ସେ କାଳର ଏଣ୍ଟ୍ରାନ୍ସ ପାସ୍ କଲେ ପ୍ରଥମ ଶ୍ରେଣୀରେ । ବୃତ୍ତି ବି ପାଇଲେ । ଏତେବେଳକୁ ତାଙ୍କୁ କୋଡ଼ିଏ ବର୍ଷ । ସେଇ ବର୍ଷ ସେ ନୂଆ ଖୋଲିଥିବା କଟକ କଲେଜ (୧୮୭୬)ର ଏଫ୍.ଏ. ଶ୍ରେଣୀରେ ଯୋଗ ଦେଲେ । ୧୮୭. ମସିହାରେ ବଙ୍ଗଳା 'ରାମାଭିଷେକ' ନାଟକର ଅଭିନୟ ଦେଖି କ'ଣ ଭାବିଥିଲେ ତାହା ପ୍ରଥମରୁ କୁହାଯାଇଛି ।

ଦୁଇ ବର୍ଷର କଲେଜ ଜୀବନ । ଭଲମନ୍ଦ ବୁଝିବାର ବୟସ ହୋଇଗଲାଣି । ସ୍କୁଲ ଜୀବନରେ ଅବାଟରେ ଚାଲିଯାଇ, ତା'ର ପ୍ରତିଫଳ ସେ ପାଇଛନ୍ତି । ପରିବାର ତରଫରୁ ତାଙ୍କ ଉପରେ କୌଣସି ଅଙ୍କୁଶ ନାହିଁ । ନିଜେ ହେଉଛନ୍ତି ନିଜର ଜଗୁଆଳ । ମୁଣ୍ଡ ଉପରେ ଅଛନ୍ତି ବଡ଼ଭାଇ ଗୌରୀଶଙ୍କର । କେବଳ କଟକ ସହରର କାହିଁକି ସାରା ଓଡ଼ିଶାର ଜଣେ ମୁଣ୍ଡିଆଳ ନେତା । ତାଙ୍କ ପାଇଁ ଯଦି ଭାଇଙ୍କୁ ନିନ୍ଦିତ ହେବାକୁ ପଡ଼େ, ତେବେ ତାହା ଅପେକ୍ଷା ବଡ଼ ଲଜ୍ଜା ରାମଶଙ୍କରଙ୍କର ଆଉ କ'ଣ ହେବ !

ଗୌରୀଶଙ୍କର ପୁଣି କେବଳ ବଡ଼ଭାଇ ନୁହନ୍ତି, ବାପାଙ୍କ ଭଳି ଅଭିଭାବକ ନୁହନ୍ତି । ମମତାମୟ ବାପାଟିଏ ଯେମିତି ! ଥରକ ଛଡ଼ା କେବେବି ତାଙ୍କୁ ପଦେ

Digitized by srujanika@gmail.com

କଡ଼ା କଥା କହି ନାହାନ୍ତି । ତାହା ପୁଣି ତାଙ୍କୁ ଖୁବ୍ ବାଧିବାରୁ । ସେ ନିଜେ ପରୀକ୍ଷାରେ ପାସ୍ କରି ନ ପାରି ଯେତେ ଦୁଃଖ ପାଇ ନ ଥିବେ, ଗୌରୀଶଙ୍କର ଦୁଃଖିତ ହୋଇଥିଲେ ତାହାଠୁ ବହୁଗୁଣ ଅଧିକ । ଗୋଟିଏ କରୁଣ ଛାତିଥରା ଘଟଣାର ସ୍ମୃତି ରାମଶଙ୍କରଙ୍କର ମନକୁ ଆସିଲା । ଗୌରୀଶଙ୍କରଙ୍କର ଗୋଟିଏ ବୋଲି ପୁଅ ରାମଶଙ୍କରଙ୍କ ବୟସର । ଯୁଆଡ଼େ ଗଲେ କକା-ପୁତୁରା ଏକାଠି । ଏକାଠି ଖିଆପିଆ, ବୁଲାବୁଲି, ଶୁଆଶୋଇ, ପଢ଼ାପଢ଼ି ସବୁ । ରାମଶଙ୍କରଙ୍କର ହଠାତ୍ ଦେହ ଖରାପ ହେଲା । ସେ ସମୟର ଦୁରାରୋଗ୍ୟ ବ୍ୟାଧି ଟାଇଫଏଡ଼ । ଯମ ମଣିଷ ଟଣାଟଣି । ଏକୁଟିଆ ହୋଇଯାଇ ପୁତୁରା ବିଚରା ମନମରା । କୋଉଥିରେ ମନ ନାହିଁ । ସବୁବେଳେ ଅନ୍ୟମନସ୍କ । ଏମିତିରେ ଦିନେ ଗଙ୍ଗାମନ୍ଦିର ପୋଖରୀକୁ ଗଲା ଗାଧୋଇବାକୁ । ଆଉ ଫେରିଲା ନାହିଁ । କ'ଣ ହେଲା କେହି କହିପାରିଲେ ନାହିଁ । ହୁଏତ ଗୋଡ଼ ଖସିଯାଇଥିବ । ହୁଏତ...

ସାରା ପରିବାର ଦୁଃଖରେ ଭାଙ୍ଗିପଡ଼ିଲା । ଦାରୁଣ ପୁତ୍ରଶୋକର ବେଦନା ପିତାର ହୃଦୟକୁ କିଭଳି ଟିକି ଟିକି କରି ଦେଇଥିବ, ତାହା ସେଇ ଏକା କହିପାରିବେ । ଗୌରୀଶଙ୍କର ବାହାରେ ଅଟଳ, ଅଚଳ ଏବଂ ଧୈର୍ଯ୍ୟଶୀଳ । ସେଇ ଅବସ୍ଥାରେ ରାମଶଙ୍କର ନିଜର ପ୍ରିୟ ବନ୍ଧୁ ପୁତୁରାକୁ ଖୋଜୁଛନ୍ତି । ଯଦି ତାଙ୍କର ମରିବା ଖବର ପାଇଯାଆନ୍ତି, ତେବେ ତାଙ୍କର ସ୍ୱାସ୍ଥ୍ୟ ଅଧିକ ଖରାପ ହୋଇଯାଇପାରେ । ପୁତ୍ରଶୋକ ସେ ସହିଛନ୍ତି ବା ସହୁଛନ୍ତି । ଆଉ ଏ ଦ୍ୱିତୀୟ ଶୋକ ସେ କଦାପି ସହ୍ୟ କରିପାରିବେ ନାହିଁ । ଏହି ଶୋକ ସମ୍ବାଦକୁ ଯେକୌଣସିମତେ ରାମଶଙ୍କରଙ୍କଠାରୁ ଲୁଚାଇ ରଖାଯାଉ ବୋଲି ସେ ପରିବାରର ସମସ୍ତଙ୍କୁ ଜଣାଇ ଦେଲେ । ତାଙ୍କର ଆଶଙ୍କା ଏହି ଦାରୁଣ ଘଟଣା ଜାଣିପାରିଲେ, ରାମଶଙ୍କରଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋଇଯାଇପାରେ ।

ରାମଶଙ୍କର ପଛରେ ଏହି ଘଟଣାକୁ ମନେପକାଇ ଯେତେ ଭାବନ୍ତି, ପିତାସମ ବଡ଼ ଭାଇଙ୍କ ପ୍ରତି ତାଙ୍କ ମନ ଶ୍ରଦ୍ଧାରେ ସେତେ ବିଗଳିତ ହୋଇଯାଏ । ଦାରୁଣ ପୁତ୍ରଶୋକକୁ ହୃଦୟ ଭିତରେ ଲୁଚାଇ ଯିଏ ଏଭଳି ଏକ ନିଷ୍ପତ୍ତି ନେଇପାରେ, ସେ ତ ମଣିଷ ନୁହେଁ, ସ୍ୱର୍ଗର ଦେବତାଟିଏ । ସେହି ମୁହୂର୍ତ୍ତରେ ରାମଶଙ୍କର

Digitized by srujanika@gmail.com

ଠିକଣା କରି ନିଅନ୍ତି, ବଞ୍ଚିଥିବା ପର୍ଯ୍ୟନ୍ତ ସେ 'ଦାଦା' (ବଡ଼ଭାଇ)ଙ୍କୁ ଅସନ୍ତୁଷ୍ଟ କଲା ଭଳି କି ତାଙ୍କ ମନରେ ଦୁଃଖ ଦେଲା ଭଳି କୌଣସି କାମ କରିବେ ନାହିଁ । ସେ ନିଜକୁ ରାମଙ୍କ ସାନଭାଇ ଲକ୍ଷ୍ମଣଙ୍କ ଭଳି କରି ଗଢ଼ିବେ । ସେ ଯେଉଁ ବାଟରେ ଚାଲୁଛନ୍ତି, ଏ ଠିକ୍ ସେଇ ବାଟରେ ତାଙ୍କର ଅନୁଗମନ କରିବେ ।

ଦୁଃଖର କଥା, ରାମଶଙ୍କର ତାଙ୍କର ଏଇ ପ୍ରତିଜ୍ଞାକୁ ଶେଷ ଜୀବନରେ ରଖିପାରି ନ ଥିଲେ । ୧୯୧୦-୧୧ ବେଳକୁ ଦୁଇ ଭାଇଙ୍କର ସଂପର୍କରେ ଫାଟ ଦେଖା ଦେଇଥିବାର ଶୁଣାଯାଏ । କଥାବାର୍ତ୍ତା ତ ଦୂରର କଥା- ଏକା ଘରେ ରହୁଥିଲେ ମଧ୍ୟ ଦୁଇଭାଇଙ୍କ ଭିତରେ ମୁହଁ ଚାହାଁଚାହିଁ ବି ନ ଥିଲା । ତେବେ ସେ ବହୁ ପରର କଥା । ଆମେ ଏବେ ବର୍ତ୍ତମାନକୁ ଫେରିବା ।

୧୮୭୮ ମସିହାର କଥା । ରାମଶଙ୍କର କଟକ କଲେଜର ଛାତ୍ର । ଏତିକିବେଳେ ସେ 'ଉତ୍କଳ ମଧୁପ' ନାମକ ମାସିକ ସାହିତ୍ୟ ପତ୍ରିକାଟିଏ ବାହାର କରିବାକୁ ଚିନ୍ତା କରି ଆପେ ଏହାର ପରିଚାଳନା ସଂପାଦକ ହୁଅନ୍ତି । ତାଙ୍କର ପ୍ରଥମ କାବ୍ୟ 'ପ୍ରେମତରୀ ଗାଥା' ଏବଂ ପ୍ରଥମ ଉପନ୍ୟାସ 'ସୌଦାମିନୀ' ଏଥିରେ ଧାରାବାହିକ ଭାବରେ ବାହାରେ । ପତ୍ରିକାଟି ବଞ୍ଚିରହେ ଦୁଇ ବର୍ଷ । ଏ ଭିତରେ 'ପ୍ରେମତରୀ ଗାଥା' ସଂପୂର୍ଣ୍ଣ ହୋଇଯାଇଥାଏ । ମାତ୍ର 'ସୌଦାମିନୀ' ଅସଂପୂର୍ଣ୍ଣ ରହିଯାଏ । ପରେ ରାମଶଙ୍କର ଶିକ୍ଷା ବିଭାଗର କର୍ତ୍ତାଙ୍କୁ ପାଣ୍ଡୁଲିପି ଦେଖାଇ ଏହାକୁ ପାଠ୍ୟପୁସ୍ତକ ଭାବରେ ବାଛିବାକୁ ତାଙ୍କୁ ଅନୁରୋଧ କରନ୍ତି । ମାତ୍ର ଉପନ୍ୟାସଟିଏ କଦାପି ସ୍କୁଲର ପାଠ୍ୟ ହୋଇ ନ ପାରେ ବୋଲି କହି ସେ ତାଙ୍କୁ ଫେରାଇ ଦିଅନ୍ତି । ଏହିଭଳି ଭାବରେ ଓଡ଼ିଆ ଭାଷାର ଏହି ପ୍ରଥମ ଉପନ୍ୟାସଟି ଅସମାପ୍ତ ରହି କାଳକ୍ରମେ ହଜିଯାଏ । ସୌଭାଗ୍ୟକୁ 'ପ୍ରେମତରୀ ଗାଥା' କାବ୍ୟଟି ୧୮୮୦ ମସିହାରେ ପ୍ରକାଶ ପାଏ ।

କଲେଜ ପଢ଼ା ସାଙ୍ଗକୁ ସେ କଟକରେ ହେଉଥିବା ପ୍ରାୟ ସବୁ ସଭାସମିତିରେ ଯୋଗ ଦିଅନ୍ତି । ଦରକାର ହେଲେ ପ୍ରବନ୍ଧ ମାଧ୍ୟମରେ ନିଜର ଚିନ୍ତାକୁ ଶ୍ରୋତାମାନଙ୍କ ନିକଟରେ ପହଞ୍ଚାଇ ଦିଅନ୍ତି । ଏ ଭିତରେ ତାଙ୍କର ଛାତ୍ର ଜୀବନ ଶେଷ ହୋଇଯାଏ ୧୮୭୯ ମସିହାରେ । ସେ ଏଫ୍.ଏ. ପରୀକ୍ଷାରେ ପାସ୍ କରିଯାଆନ୍ତି । ଏଥର

Digitized by srujanika@gmail.com

ତାଙ୍କୁ ଦ୍ୱିତୀୟ ଶ୍ରେଣୀଟିଏ ମିଳେ । ଏହା ପରେ ବି.ଏ. ପଢ଼ିବା କଥା । ସେ ବ୍ୟବସ୍ଥା କଟକରେ ନାହିଁ । କଲିକତା ଯିବାକୁ ପଡ଼ିବ । 'ଦାଦା'ଙ୍କର ବୟସ ହେଉଛି । ପରିବାରର ବୋଝ ଏକୁଟିଆ ତାଙ୍କ ଉପରେ ନ ପକାଇ ଏଥର ଉପାର୍ଜ୍ଜନର ବାଟ ଦେଖିବାକୁ ପଡ଼ିବ । ପାଠ ଯେତିକି ହେଲା, ସେତିକି । ପରେ ସୁବିଧା ମିଳିଲେ ଏ ବିଷୟରେ ଚିନ୍ତା କରାଯିବ ।

ଆଗ କିଛି ରୋଜଗାର କରାଯାଉ ।

ଚାକିରି : ତାଳଗଛ ଛାଇ

କିରାଣି ଚାକିରିଟିଏ ତତ୍‌କ୍ଷଣାତ୍ ମିଳିଗଲା । ସେ କିନ୍ତୁ ଅସ୍ଥାୟୀ । ଚାକିରି କରୁଥିବା ବ୍ୟକ୍ତିଜଣକ ଛୁଟିରେ ଅଛନ୍ତି । ସେ ଫେରିଲେ ୟାଙ୍କର ଚାକିରି ବି ସରିଯିବ । ହଉ, ପ୍ରଥମେ ପଶିଯାଆନ୍ତୁ ତ, ପରେ କିଛି ଗୋଟାଏ ବାଟ ଫିଟିବ ନାଇଁ କି ! ପଦର ନାମ କମିଶନରଙ୍କ ଅଫିସ୍‌ର ମନିଅର୍ଡର କିରାଣି । କିଛି ବର୍ଷ ପୂର୍ବେ ବଡ଼ଭାଇ ଗୌରୀଶଙ୍କର ମଧ୍ୟ ଏଇ ପଦରେ କାମ କରିଯାଇଛନ୍ତି ।

ମନ୍ଦ କ'ଣ ?

ସରକାର ଚାହିଁଥିଲେ, ତାଙ୍କର ଶିକ୍ଷା ଯାହା- ସେଥିରେ ଡେପୁଟୀ-ନିକୁଛରେ ସବ୍-ଡେପୁଟୀ ଚାକିରିଟିଏ ଦେଇପାରିଥାଆନ୍ତେ । କଟକ ଜିଲ୍ଲାରେ ତାଙ୍କ ପରିବାରର ନାଆଁ ଡାକ୍ । ଦାଦା ଗୌରୀଶଙ୍କର ତ ସାରା ରାଜ୍ୟରେ ପରିଚିତ । ତେବେ ସରକାରଙ୍କ ପାଖରେ ତାଙ୍କର ସେତେ ପତିଆରା ନାହିଁ । ଘଡ଼ିକି ଘଡ଼ି 'ଦୀପିକା' ପୃଷ୍ଠାରେ ସରକାରୀ ନୀତି ବ୍ୟବସ୍ଥାର ସମାଲୋଚନା କରି ତାଙ୍କ ସାଙ୍ଗରେ ମୁହାଁମୁହିଁ ହେଲେ, ତାଙ୍କର ଭାଇକୁ କୋଉ ସରକାର ଅବା ହାକିମ କୁର୍ସିରେ ବସାଇବ !

ଠିକ୍ ଅଛି, ସେ କୋଉ ସବୁଦିନେ ସରକାରୀ ଚାକିରିରେ ରହିବାକୁ ଯାଉଛନ୍ତି ! ସେ ୪/୬/୧୮୭୯ରେ କମିଶନରଙ୍କ ଅଫିସ୍‌ରେ ଯୋଗ ଦେଲେ । ଓଡ଼ିଆମାନେ ଛ'ଟଙ୍କା ବେତନର ଚାକିରି ପାଇଁ ମଧ୍ୟ ଯୋଗ୍ୟ ନୁହନ୍ତି- ଏଇ କଥା

Digitized by srujanika@gmail.com

କହୁଛନ୍ତି ଇଂରେଜ ହାକିମମାନେ । ନ ହୁଅନ୍ତୁ ସେ ଓଡ଼ିଆ- ସାତପୁରୁଷର ଓଡ଼ିଶା ନିବାସୀ ତ !

ଅସ୍ଥାୟୀ ଚାକିରି- ଗହମ ଗୋଟି ଗଣତା । ଗଣୁ ଗଣୁ ଦିନେ ଶେଷ । ଚାକିରି ବି ଖତମ । ସ୍ଥାୟୀ ଚାକିରିଆ ଆସି ନିଜ ଚୌକିରେ ବସିପଡ଼ନ୍ତି । ତେବେ ବେଶି ଦିନ ରାମଶଙ୍କରଙ୍କୁ ବେକାର ହୋଇ ଘରେ ବସିବାକୁ ହୋଇ ନାହିଁ । କଲିଜିଏଟ୍‌ରେ ଶିକ୍ଷକ ପଦଟିଏ ଖାଲି । ଦରମା ୪୨ ଟଙ୍କା । ଯାହା ମିଳିଲା, ସେଠି ବି କଟିଗଲା ଦିନ କେତୋଟି ।

ଏ ଭିତରେ କମିଶନର ସାହେବଙ୍କ ଅଫିସରେ ମୁନିମ ବା କିରାଣି ପଦଟିଏ ଶୂନ୍ୟ ହେଲା । ମାସିକ ଦରମା ୫୦ ଟଙ୍କା, ସେକାଳକୁ ଅନାଇ ବେଶ୍ ଭଲ । ବଡ଼ କଥା କମିଶନରଙ୍କ ଅଫିସରୁ ଏଥିପାଇଁ ନିମନ୍ତ୍ରଣ ମଧ୍ୟ ମିଳିଛି । କଟକରେ ରହିବାର ସୁବିଧା ସହିତ ସାହିତ୍ୟ ସଂସ୍କୃତିର ସେବା ପାଇଁ ପ୍ରଚୁର ଅବସର ଆଉ ସୁଯୋଗ ବି ମିଳିବ ।

'ରାମାଭିଷେକ' ନାଟକ ଦେଖିବା ପରଠୁଁ ତାଙ୍କର ଏକମାତ୍ର ଚିନ୍ତା ଥିଲା ସେ କେମିତି ଓଡ଼ିଆରେ ନାଟକଟିଏ ଲେଖିବେ ! 'ଦୀପିକା' ଅଫିସରେ ସେ 'ବାବାଜୀ' ନାମକ ଖଣ୍ଡିଏ ନାଟକ ଦେଖିଥିଲେ । ଲେଖକ ଜଗନ୍ମୋହନ ଲାଲ । 'ଦୀପିକା' ଅଫିସରେ ବହୁ ଆଗରୁ ସେ ତାଙ୍କୁ ଦେଖିଛନ୍ତି । ସେ ପୁଣି 'ଦାଦା'ଙ୍କର ଭାରି ଭଲ ବନ୍ଧୁ । ଏବେ ତ ପୁଣି ସେ ଏକା ଅଫିସରେ ତାଙ୍କର ସହକର୍ମୀ । ବହିଟି ପ୍ରକାଶ ପାଇଲା ପରେ ସେ ସମୟର ପ୍ରାୟ ସବୁ ପତ୍ରପତ୍ରିକାରେ ଏହାର ଆଲୋଚନା କରାଯାଇଥିଲା (କେତେ ଅବା ପତ୍ରିକା ସେ ସମୟରେ ଥିଲା !) ସବୁଥିରେ ପ୍ରଥମ ନାଟ୍ୟକାରଙ୍କ ପାଇଁ 'ପିଠି ଥାପୁଡ଼ା' ମତାମତ । ଏହାଦ୍ୱାରା ନାଟକ ରଚନାର ବାଟ ଫିଟିଲା- 'ଅଚିରେ ପ୍ରକୃତ ନାଟକ ବାହାରିପାରେ' ଏଭଳି ମନ୍ତବ୍ୟ ମଧ୍ୟ ଜଣେ ସଂପାଦକ ଦେଲେ । ନାଟ୍ୟକାର ମନ ଊଣା କରିଛନ୍ତି ନିଶ୍ଚୟ । ନ ହେଲେ ସେ କଟକରେ ନାଟକର ଅଭିନୟ ପାଇଁ ଚେଷ୍ଟା କରୁ ନାହାନ୍ତି କାହିଁକି ? ମଞ୍ଚ ସିନା ନାଟକର ଗୁଣ ଦୋଷ ଦେଖାଇବ ! ପୁଣି ସେ ଆଉ ନାଟକ ଲେଖୁ ନାହାନ୍ତି କାହିଁକି ? ଶୁଣାଶୁଣିରେ ମାହାଙ୍ଗା ପାଖ ତାଙ୍କ ଗାଁରେ ନିଜ

Digitized by srujanika@gmail.com

ଘର ପରିସରରେ ସେ ରଙ୍ଗମଞ୍ଚଟିଏ ପ୍ରତିଷ୍ଠା କରିଛନ୍ତି ୧୮୭୫ ମସିହାରୁ । ପ୍ରତି ବର୍ଷ ସେଠାରେ ଦଶହରା ବେଳକୁ ନାଟକ ହୁଏ- ବଙ୍ଗଳା ଭାଷାର । ସେଇ 'ରାଧାକାନ୍ତ ମଞ୍ଚ'ରେ କୁଆଡ଼େ 'ବାବାଜୀ' ନାଟକର ଅଭିନୟ ହୋଇଥିଲା । 'ବାବାଜୀ' ସାଜରେ ଥିଲେ ନିଜେ ନାଟ୍ୟକାର ।

'ବାବାଜୀ' କଥା ଥାଉ । ସେ ନିଜେ ଗୋଟିଏ ସର୍ବାଙ୍ଗ ସୁନ୍ଦର ନାଟକ ଲେଖି କଟକିଆମାନଙ୍କୁ ପ୍ରଥମ ଓଡ଼ିଆ ନାଟକର ସ୍ୱାଦ ଚଖାଇବେ । ସେ ସବୁ ତ ଠିକ୍ । ନାଟକ ଲେଖିବା ପାଇଁ ଭଲ ବିଷୟବସ୍ତୁଟିଏ ଲୋଡ଼ା । ଦେଖିବାକୁ ସୁନ୍ଦର, ଶୁଣିବାକୁ ଭଲ ଆଉ ଲୋକଙ୍କ ମନକୁ ଛୁଇଁଲା ଭଳି କଥାଟିଏ ହେଲେ ଯାଇ ନାଟକ ଜମିବ । ପୁରାଣ କଥା ଲୋକଙ୍କ ମନକୁ ପାଆନ୍ତା ଯେ, ସେଥିରେ ଯେଉଁ ସବୁ ଚମକାଇଲା ଭଳି ଘଟଣା ଥାଏ । ବର୍ତ୍ତମାନ ସମୟରେ ସେ ସବୁ ଲୋକଙ୍କୁ ଦେଖାଇ ସେମାନଙ୍କ ମନକୁ ଆହୁରି ପଛକୁ ଠେଲି ଦେବା ଠିକ୍ ହେବ ନାହିଁ । ସାମାଜିକ ବିଷୟ ନେଇ ଲାଲବାବୁ ତ ନାଟକ ଲେଖିଲେ । ଲୋକଙ୍କ ମନକୁ ଗଲା ନାହିଁ । ଠିକ୍ ଅଛି, ସେ ଓଡ଼ିଶାର କୌଣସି କିମ୍ବଦନ୍ତୀକୁ ନେଇ ନାଟକ ଲେଖିବେ । ଅତୀତରେ ଓଡ଼ିଆମାନେ କିଭଳି ଥିଲେ, କାହିଁକି ସାରା ଦେଶରେ ସେମାନଙ୍କର ନାଆଁ ପଡୁଥିଲା, ସେଇ କଥା ସେ ନାଟକରେ କହିବେ । କାଞ୍ଚି କାହାଣୀ କଥାଟି ତାଙ୍କ ମନକୁ ଆସିଲା । ଏଥିରେ ଜାତିର ଦେବତା ଜଗନ୍ନାଥ ବି ଆସିବେ । ଦେଶ ଆଉ ଜାତିର ମାନ ରଖିବାକୁ ରତ୍ନ ସିଂହାସନ ଛାଡ଼ି ଦେବତା କିଭଳି ଗଜପତିଙ୍କ ସହିତ ଲଢ଼େଇ କରିବାକୁ ଦୂର ଦେଶକୁ ଧାଇଁ ଯାଇଥିଲେ, ସେସବୁ ଓଡ଼ିଆ ଦର୍ଶକଙ୍କ ପ୍ରାଣକୁ ଛୁଇଁବ । ବାସ୍, କଥା ଠିକଣା ହୋଇଯିବାରୁ ଲେଖା ଆରମ୍ଭ ହୋଇଗଲା ।

ଓଡ଼ିଆ ଭାଷାରେ ନାଟକ ଲେଖା ହୋଇପାରିବ ନାହିଁ ବୋଲି ସେତେବେଳେ କିଛି ଲୋକଙ୍କର ଧାରଣା ଥାଏ । ରାମଶଙ୍କର ନାଟକ ଲେଖି ବନ୍ଧୁମାନଙ୍କୁ ଦେଖାଉଥାଆନ୍ତି । ତିନୋଟି ଦୃଶ୍ୟ ଲେଖା ସରିଲା ପରେ ସେମାନେ ଲେଖା ଭଲ ହେଉଛି ବୋଲି ମତ ଦେଲେ । ତା'ପରେ ନାଟକ ଲେଖାଯାଇ କଟକରେ ମଞ୍ଚସ୍ଥ ହେଲା । କିପରି ଏହା ସମ୍ଭବ ହୋଇପାରିଲା- ତା' ଆଉ ଏକ କାହାଣୀ ।

Digitized by srujanika@gmail.com

ବର୍ତ୍ତମାନ ଦେଖିବା ରାମଶଙ୍କର ନାଟକ ଲେଖିବା ପାଇଁ ମନ ବଳାଇଲେ କାହିଁକି ? ବଡ଼ଭାଇ ଗୌରୀଶଙ୍କର ନାଟଗୀତରେ ସଉକି ରଖୁଥିଲେ । ପ୍ରିଣ୍ଟିଂ କଂପାନୀ ଅଫିସରେ ପ୍ରତି ଶନିବାର ନାଟଗୀତ ହେଉଥିଲା । ତୃତୀୟ ଭାଇ ବି ନାଟକପ୍ରିୟ ଥିଲେ । କଥାରେ କହନ୍ତି, ବଡ଼ ଯୁଆଡ଼େ ସାନ ବି ସିଆଡ଼େ । ବଡ଼ ଦୁଇଭାଇ ନାଟଗୀତକୁ ଭଲ ପାଉଥିବାରୁ ସାନ ରାମଶଙ୍କର ବି ସେ ଦିଗକୁ ଟାଣି ହୋଇଗଲେ । ଖାଲି ନାଟକ ଲେଖିଲେ ନାହିଁ, ମୁହଁରେ ରଙ୍ଗ ବୋଳି ହୋଇ ଅଭିନୟ ବି କଲେ । ଦେଖଣାହାରିମାନେ କଟକର ମୁଖିଆ ଲୋକେ ଏହାର ବହୁତ ପ୍ରଶଂସା କରିବାରୁ ତାଙ୍କର ଉତ୍ସାହ ବଢ଼ିଗଲା । ସେ ନାଟକ ପରେ ନାଟକ ଲେଖିଚାଲିଲେ ।

ଏଣେ ଚାକିରି ବି ଚାଲିଥାଏ । ଅଫିସ୍‌ର ଧରାବନ୍ଧା ରୁଟିନ ଭିତରେ ତାଙ୍କୁ ଅଣନିଃଶ୍ୱାସୀ ଲାଗୁଥାଏ । ଏଥିରୁ ଉଧୁରିବାର ବାଟ ଖୋଜୁଥାଆନ୍ତି । ଚାକିରି ଛାଡ଼ି ସ୍ୱାଧୀନ ଭାବରେ କିଛି ଗୋଟାଏ କରିବା ବିଷୟ ଚିନ୍ତା କରୁଥାଆନ୍ତି । ଏଇ ସବୁ ସାତପାଞ୍ଚ ଭାବି ସେ ୧୮୮୪ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରେ ଘରୋଇ ଭାବରେ ଓକିଲାତି ପରୀକ୍ଷା ଦେଇ ସେଥିରେ ପାସ୍ କରିଗଲେ । ବାଟ ମିଳିଗଲା । ସେଇ ବର୍ଷ ଜୁଲାଇ ମାସରେ ସେ ସରକାରୀ ଚାକିରିରୁ ଇସ୍ତଫା ଦେଇଦେଲେ ।

ଚାକିରି ସରିଗଲା ।

ଆପଣା ନାଆରେ ଆପେ ନାଉରି

ବୟସ ହେଲାଣି ଆସି ସତେଇଶ କି ଅଠେଇଶ । ସରକାରୀ ଚାକିରିରେ ମାସକୁ ମାସ କିଛି କଞ୍ଚା ଟଙ୍କା ହାତକୁ ଆସୁଥିଲା । ସେ ପୁଣି ଏକା ନୁହେଁ । ସାଙ୍ଗକୁ ତାଙ୍କର ସ୍ତ୍ରୀ ଆଉ ଝିଅଟିଏ । ଭାଇମାନେ ସମସ୍ତେ ଏକାଠି ରହୁଛନ୍ତି । ବଡ଼ ପରିବାର । ଦାଦା କରିବେ ଯେ କେତେ କରିବେ ? ତାଙ୍କ ନିଜର ତ ଗୋଟାଏ ଦାୟିତ୍ୱ ଅଛି ।

Digitized by srujanika@gmail.com

ଓକିଲାତିରୁ ସାଙ୍ଗେ ସାଙ୍ଗେ ପଇସା ମିଳିବାର ନାହିଁ କି ନିର୍ଦ୍ଦିଷ୍ଟ ଆୟ ବୋଲି କିଛି ନାହିଁ । ଦାଦା ଅବଶ୍ୟ କହିଦେଇଛନ୍ତି- ବିଳମ୍ବରେ ଓକିଲାତିରେ ପଶିଲୁ । ଏବେ ମନ ଦେଇ ସେଇଥିରେ ଲାଗ । ଖଞ୍ଜ ଅଖଞ୍ଜକୁ ମୁଁ ଅଛି । ସେ ଅଛନ୍ତି ଆଉ ରହିବେ ବି- ରାମଶଙ୍କର ଏକଥା ଜାଣନ୍ତି । ତେବେ କେତେ ଦିନ ଯାଏ ସେ ଏଡ଼େ ବଡ଼ ପରିବାରର ବୋଝ ଏକା ଟାଣିବେ !

ଘରେ ପଶୁ ପଶୁ ମୁଣ୍ଡରେ ଚାଳ ବାଜିଲା ଭଳି ଓକିଲାତିରେ ପଶୁ ପଶୁ ପତ୍ନୀ ତାଙ୍କୁ ଆଉ ସାନ ଝିଅଟିକୁ ଛାଡ଼ିଦେଇ ଆରପାରିକି ଚାଲିଗଲେ । ଦୁଃଖର ପାହାଡ଼ ମୁଣ୍ଡରେ ବୋହି ଏକା ଏକା ଦିନ କାଟିଲେ । ଛୋଟ ପିଲାଟିର କାନ୍ଦ- କେତେ ସହିବେ ! ଏମିତି ଦୁଃଖ କଷ୍ଟ ଭିତରେ ବଡ଼ ମଣିଷଙ୍କର ଜୀବନ ଗଢ଼ା ହୋଇଥାଏ । ଦୁଃଖ ତ ମଣିଷର ସବୁଦିନିଆ ସାଥି । ତାକୁ ଡରି ଭାଙ୍ଗିପଡ଼ିଲେ ଜୀବନ ଆଗକୁ ବଢ଼ିବ କେମିତି !

ରାମଶଙ୍କର ମନ ସ୍ଥିର କରି ଆଉ ଥରେ ବିବାହ କଲେ ବର୍ଷକ ପରେ । ଓକିଲାତି ଚାଲୁଥାଏ । ଜୀବନ ଗୋଟାଏ ବାଟରେ ପଡ଼ିଗଲା । ଏଥର ସେ ବାହାର ଦୁନିଆ ଆଡ଼େ ଆଖି ପକାଇବାକୁ ସମୟ ପାଇଲେ । ସେଇ ବର୍ଷ କଟକରେ ବସିଲା 'ଉତ୍କଳ ସାହିତ୍ୟ ସମ୍ମିଳନୀ'- ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ କାମ କରିବ । ରାମଶଙ୍କର ସେଥିରେ ଯୋଗ ଦେଲେ । ଏତେବେଳକୁ ତାଙ୍କର 'ପ୍ରେମତରୀ ଗାଥା', 'କାଞ୍ଚି କାବେରୀ', 'ବନବାଳା' ଆଉ 'କଳିକାଳ' ପ୍ରଭୃତି କାବ୍ୟ ନାଟକମାନ ପ୍ରକାଶିତ ହୋଇସାରିଲାଣି । ଓଡ଼ିଆ ନାଟ୍ୟକାର ହିସାବରେ ତାଙ୍କର ନାଆଁ ବି ହୋଇଗଲାଣି । ସଭାସମିତିମାନଙ୍କରେ ସବୁବେଳେ ଯୋଗ ଦେଉଛନ୍ତି । ଭଲ ଦି'ପଦ କହି ବୋଲି ପାରୁଥିବାରୁ ବକ୍ତା ଭାବରେ ନାଆଁ ବି କମେଇଛନ୍ତି । ଏତିକିବେଳେ ଗୌରୀଶଙ୍କରଙ୍କ ଚେଷ୍ଟାରେ ଦେଶର କରଣମାନଙ୍କୁ ଏକାଠି କରିବାର ଲକ୍ଷ୍ୟରେ 'କାୟସ୍ଥ ସମ୍ମିଳନୀ' ନାମରେ ସଂସ୍ଥାଟିଏ ଗଢ଼ା ହୁଏ । ରାମଶଙ୍କର ହୁଅନ୍ତି ଏହାର ସହକାରୀ ସଂପାଦକ ।

ଦାଦା ଗୌରୀଶଙ୍କର ବି ଜଣେ ଦୁଃଖୀ ମଣିଷ ଠିକ୍ ତାଙ୍କରି ପରି । ଏକମାତ୍ର ପୁଅ ଅକାଳରେ ଚାଲିଗଲା । ପତ୍ନୀ ବି ତାଙ୍କୁ ଛାଡ଼ିଗଲେ । ସେ ଆଉ ବାହା ବି

Digitized by srujanika@gmail.com

ହେଲେ ନାହିଁ । ବିଭିନ୍ନ କାମରେ ନିଜକୁ ବ୍ୟସ୍ତ ରଖି ଦୁଃଖ ଭୁଲିବାକୁ ଚେଷ୍ଟା କଲେ । ହେଲେ ଦୁଃଖ କ'ଣ ଧୂଳିବାଲି, କାଠିକୁଟା ହୋଇଛି ଯେ, ଦେହରୁ ଝାଡ଼ି ଦେଲେ ଖସିପଡ଼ିବ ! ରାମଶଙ୍କର ଦାଦାଙ୍କର ଦୁଃଖ ବୁଝନ୍ତି । ପାଖରେ ଠିଆ ହୋଇ ତାଙ୍କୁ ସାନ୍ତ୍ୱନା ଦେବାପାଇଁ ସାହସ ଜୁଟାଇପାରନ୍ତି ନାହିଁ । ଦାଦା ତାଙ୍କ ଉପରେ କେତେ ଭରସା ରଖିଛନ୍ତି, ତାହା ସେ ଜାଣନ୍ତି । ତାଙ୍କର ଆଶା ଭରସା ଯେମିତି ଭାଙ୍ଗି ନ ଯାଏ, ରାମଶଙ୍କର ସେଇ ଚେଷ୍ଟା କରିଯାଆନ୍ତି । ଉପାର୍ଜନ ବଢ଼ିବାରୁ ସେ ଘର ପରିବାରର ଉନ୍ନତି, ପିଲାମାନଙ୍କର ଶିକ୍ଷାଦୀକ୍ଷା ସହିତ ପରିବାରର ଭଲମନ୍ଦ ବୁଝିବାର ଦାୟିତ୍ୱ ମଧ୍ୟ ନିଜେ ବୁଝନ୍ତି ।

ତା' ସହିତ ଲୋକମାନଙ୍କର ମଙ୍ଗଳ ପାଇଁ ଯେତେ ଯେଉଁଠି ଯାହା କରାଯାଏ, ରାମଶଙ୍କର ତହିଁରେ ଯୋଗ ଦିଅନ୍ତି । ଯେମିତି 'ଦୁର୍ଭିକ୍ଷ ପ୍ରପୀଡ଼ିତ ଜଣେ ସାହାଯ୍ୟ କମିଟି', 'ଘରପୋଡ଼ି ସାହାଯ୍ୟ ସଂସ୍ଥା', 'ବନ୍ୟାପାଣିକୁ ସହାୟତା' ସବୁଥିରେ ରାମଶଙ୍କର ସବୁଥିକି ଆଗୁଆ । ଲୋକଙ୍କର ମଙ୍ଗଳ ଦେଖିବା ଯେମିତି ହୋଇଯାଇଥାଏ ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ । ଗୌରୀଶଙ୍କର ନିଜ ହାତଗଢ଼ା ସାନଭାଇର ଏଭଳି 'କାମ ପାଗଳ' ଚେହେରା ଦେଖି ମନେ ମନେ ହସନ୍ତି । ଦିନେ କଥା କହୁ କହୁ କହି ପକାଇଲେ ବି- ଓକିଲ, ଭଲ କାମ କରୁଚି, ନୁହେଁ କାକୀ ?

ଜନମଙ୍ଗଳ କାମ ସହିତ ଏଣେ ସାହିତ୍ୟ ସେବା ବି ଚାଲିଥାଏ ସମାନ ତାଳରେ । ପ୍ରଥମେ ନାଟକ ପାଇଁ ବଡ଼ ଗୋଟିଏ ସମସ୍ୟା ଦେଖା ଦେଇଥିଲା । ସେ ତ ନାଟକ ଲେଖିବେ । ମାତ୍ର ତାକୁ ଅଭିନୟ କରିବ କିଏ ? କଟକରେ ମଞ୍ଚ କାହିଁ ? ଅଭିନେତା କାହାନ୍ତି ? କାହାନ୍ତି ବା ସେମାନଙ୍କୁ ତାଲିମ ଦେବା ଭଳି ଶିକ୍ଷକ ! ବାହାରୁ ଚାନ୍ଦାଭେଦା କରି ସେ କୌଣସିମତେ 'କାଞ୍ଚିକାବେରୀ' ନାଟକ ମଞ୍ଚସ୍ଥ କରାଇଥିଲେ । ଅଭିନେତାମାନଙ୍କୁ ତାଲିମ ଦେବାପାଇଁ ଆଗେଇ ଆସିଥିଲେ ନିଜେ ବଡ଼ଦାଦା- ଗୌରୀଶଙ୍କର । ସେ ପୁଣି ପାଣ୍ଡୁଲିପି ପଢ଼ି ତାକୁ ମୂଳରୁ ଚୂଳ ଯାଏ ସଂଶୋଧନ ବି କରିଥିଲେ । ନାଟକ ଖୁବ୍ ଭଲ ହେବାରୁ ନାଆଁ କମେଇଲା । ରାମଶଙ୍କର ବି ଖୁବ୍ ପ୍ରଶଂସା ଗୋଟେଇଲେ । ନିଜେ ମଧୁ ବାରିଷ୍ଟର ତାଙ୍କୁ

Digitized by srujanika@gmail.com

"Father of Oriya Drama" (ଓଡ଼ିଆ ନାଟକର ଜନ୍ମଦାତା) ବୋଲି କହି ବଧେଇ ଜଣେଇଲେ । ଏସବୁ କାହା ଭାଗ୍ୟରେ ଜୁଟେ ।

ହେଲେ କ'ଣ ହେବ ? ଏତେ ସବୁ ଘଟଣା ଘଟିଯିବାର ମାତ୍ର ସାତ / ଆଠ ମାସ ପରେ ସେ ଯେତେବେଳେ ତାଙ୍କର ଦ୍ୱିତୀୟ ନାଟକ 'ବନବାଳା' ମଞ୍ଚସ୍ଥ କରିବାକୁ ଚିନ୍ତା କରି ଲୋକଙ୍କ ସାହାଯ୍ୟ ମାଗିଲେ, ସମସ୍ତେ କେମିତି ନିରାଶିଆ ଆଖିରେ ତାଙ୍କୁ ଚାହିଁଲେ । ପ୍ରଥମ ନାଟକ ଦର୍ଶନର ଉତ୍ସାହରେ ପାଣିଢଳା ହୋଇ ଯାଇଥିଲା । ସତ କଥା, ନିତି ଯୋଗୀକୁ ଭିକ ଦେବ କିଏ ? ରାମଶଙ୍କର ବୁଝିଲେ, ଏମିତି ଚାନ୍ଦାଭେଦା ଉପରେ ନିର୍ଭର କରି ନାଟକ କରାଯାଇପାରିବ ନାହିଁ । ଗୋଟାଏ କିଛି ସ୍ଥାୟୀ ପ୍ରତିକାର କରାଯିବା ଉଚିତ । କିଏ କରିବ ସେ ପ୍ରତିକାର ? ଏ ସହରରେ ଯେଉଁମାନେ ଧନୀ, ସେମାନଙ୍କର ତ ଏ ଦିଗରେ ତିଳେ ମାତ୍ର ଉତ୍ସାହ ନାହିଁ । ବାକି ଯେଉଁମାନଙ୍କର 'ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ' ସେମାନେବା କି ପ୍ରକାର ସାହାଯ୍ୟ କରିବେ ! ରାମଶଙ୍କରଙ୍କର ମନ ମରିଯାଏ । ସବୁ କଥା ସେ ଈଶ୍ୱରଙ୍କ ଉପରେ ଛାଡ଼ିଦିଅନ୍ତି । ଯିଏ ସମସ୍ୟା ଦିଅନ୍ତି, ସେଥିରୁ ଉଧୁରିବାର ବାଟ ବି ସେଇ ଦେଖାଇବେ । 'ଜୀବନ ଦେଇଚି ଯିଏ, ଧନୁ ଧରିବଟି ସିଏ'- ଇଏ ହେଲା ଋଷି ବଚନ ।

ରାମଶଙ୍କର ଠିକ୍ କଲେ, ସିଏ ନାଟକ ଲେଖା ଛାଡ଼ିବେ ନାହିଁ । ଆଜି ଲୋକେ ନାଟକ ପାଇଁ ମୁହଁ ମୋଡୁଛନ୍ତି । ଦିନ ବଦଳିବ, ସେଇମାନେ ପୁଣି ନାଟକ ଖୋଜିବେ । ନ ଥିବା ଜିନିଷ ଖୋଜିଲା ବେଳେ ମିଳିବ କୋଉଠୁ ? ଏହିଭଳି ଚିନ୍ତା ବେଳେ 'କଳିକାଳ' (୧୮୮୩) ରଚିତ ପୁଣି ମଞ୍ଚସ୍ଥ ହେଲା । ଏଥର ସାମାଜିକ ବିଷୟକୁ ନେଇ ନାଟକ ସଜାଇଥିଲେ । କିଏ କେତେ ପ୍ରକାର କଥା କହିଲେ । କୁହନ୍ତୁ, କହିବା ତ ମଣିଷର କାମ । ନିନ୍ଦା ଆଉ ପ୍ରଶଂସାକୁ ଦିହର ମଳି ନ କଲେ ବାଟଟିଏ ଫିଟାଇବାକୁ ବସିଥିବା ଲୋକଟି ଆଗକୁ ବଢ଼ିବ କେମିତି । ନୂଆ ବାଟ ପୁଣି ବାହାରିବ କେଉଁଭଳି !

ଏତିକିବେଳେ ନାଟକ କରିବା ପାଇଁ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ ଜଣେ ମଠ ମହନ୍ତ । ତାଙ୍କ ଗାଆଁ ପାଖ କୋଠପଦା ମଠର ମହନ୍ତ

Digitized by srujanika@gmail.com

ରଘୁନାଥପୁରୀ ମଠଟି ସେ ଅଞ୍ଚଳରେ ବେଶ୍ ନାଆଁ କରା । ଧନସଂପତ୍ତି ଅକଳନ । ସଂପତ୍ତି ଯୋଉଠି, ମାଲିମକଦ୍ଦମା ସେଇଠି । ବର୍ଷସାରା ମଠ ତରଫରୁ କଟକ କୋର୍ଟ କଚେରିରେ ମାମଲାମାନ ଲାଗି ରହିଥାଏ । ରାମଶଙ୍କର ସେତେବେଳକୁ ଓକିଲାତିରେ କିଛି କିଛି ନାଆଁ କଲେଣି । ବହୁ ବିଚାର ପରେ ରଘୁନାଥପୁରୀ ରାମଶଙ୍କରଙ୍କୁ ତାଙ୍କର ଓକିଲ ନିଯୁକ୍ତ କଲେ । ବର୍ଷକୁ ରାମଶଙ୍କରବାବୁ ପାଉଣା ନେବେ ସାତଶହ ଟଙ୍କା । ମଠ ତରଫରୁ ସବୁ ମାମଲା ଦେଖାଶୁଣା କରିବେ । ରାଜିନାମା ହୋଇଗଲା ।

ପୁରୀ ମହାଶୟ ଜଣେ ନାଚତାମସା ଅମଳି ସଉକିଆ ମଣିଷ । ମଠରେ ସେକାଳର ରୀତି ଅନୁସାରେ ଗୋଟିପୁଅ ଦଳଟିଏ ପୋଷିଥାଆନ୍ତି । ପରବର୍ତ୍ତୀ କାଳରେ ଓଡ଼ିଆ ଯାତ୍ରା-ନାଟକ କ୍ଷେତ୍ରରେ ଚହଳ ପକାଇଥିବା ବୈଷ୍ଣବ ପାଣି ବି ଥାଆନ୍ତି ସେଇ ଗୋଟିପୁଅ ଦଳର ଜଣେ ସଭ୍ୟ । ପୁରୀ ଦିନେ ରାମଶଙ୍କରଙ୍କୁ କହିଲେ- ଓକିଲବାବୁ, ଆମେ ଶୁଣିଚୁ, ଆପଣ ଆଧୁନିକ ଧରଣର ଓଡ଼ିଆ ନାଟକମାନ ଲେଖି କଟକ ସହରରେ ଅଭିନୟ କରାଉଛନ୍ତି ।

ରାମଶଙ୍କର କହିଲେ- ହଁ, ନାଟକ ତ ଲେଖୁଚି । କେତୋଟି ନାଟକର ଅଭିନୟ ବି ହେଲାଣି । ତେବେ ସେଥିରେ ଅନେକ ଝାମେଲା । ଅଭିନୟଟିଏ କରିବାକୁ ହେଲେ ପାଞ୍ଚଶ ହଜାରେ ଖରଚ । ସେଇ ପଇସା ଆସିବ କୋଉଠୁ ? ଆଜିକାଲି ଚାନ୍ଦାଭେଦା ଦେବାକୁ ଆମ ଲୋକେ କେମିତି ଆଗଭର, ସେ କଥା ତ ଆପଣ ଜାଣନ୍ତି । ଘରୁ ଖାଇ ମୁଁ ଏବେ କେତେକାଳ ଘୋଡ଼ା ଆଗରେ ଦେଉଁବି ? ଭାବୁଛି, ନାଟକ ଲେଖା ବନ୍ଦ କରିଦେବି । ତାଙ୍କ ସ୍ୱର ହତାଶିଆ ଲାଗୁଥିଲା ।

ରଘୁନାଥ ଆଉଜି ବସିଥିବା ତକିଆ ଉପରୁ ସିଧା ହୋଇ ବସିଲେ । କହିଲେ- କି କଥା ! ନାଟକ ଲେଖା ବନ୍ଦ କରିବେ କାହିଁକି ? ଭଲ କାମଟିଏ କରିବାକୁ ଅଣ୍ଟା ଭିଡ଼ିଛନ୍ତି । ଏମିତି କେତେ ବାଧାବିଘ୍ନ ଆସିବ । ଏତିକିରେ ଭାଙ୍ଗିପଡ଼ିଲେ ଚଳିବ !

ରାମଶଙ୍କର ମହନ୍ତ ମହାରାଜଙ୍କ ମୁହଁକୁ ଅନାଇଲେ । ଏମିତି କେତେ 'ପିଠି ଥାପୁଡ଼ା' କଥା ସେ ଶୁଣିଛନ୍ତି । ଶୁଖିଲା କଥାରେ କୋଉ ଚୁଡ଼ା ଭିଜେ ।

Digitized by srujanika@gmail.com

ମହନ୍ତ ମହାରାଜ କ୍ଷଣେ ଆଖିବୁଜି କ'ଣ ଭାବିଲେ । ତା'ପରେ ସିଧାହୋଇ ବସି କହିଲେ- ଆଜିଠାରୁ ଆପଣଙ୍କର ନୂଆ ନାଟକ ମଞ୍ଚସ୍ଥ କରାଇବାର ଦାୟିତ୍ୱ ଆମେ ନେଲୁ । ଏଇଠି ଏଇ ମଠରେ ଆପଣଙ୍କର ନାଟକସବୁ ମଞ୍ଚସ୍ଥ କରା ହେବ । କ'ଣ କେମିତି କରିବାକୁ ହେବ, ସେସବୁ କଥା ଆପଣ ବୁଝିବେ । ଆମେ ଟଙ୍କା ଖରଚ କରିବୁ । ଗାଁ ଲୋକେ ନାଟକ ଦେଖନ୍ତୁ ।

ରାମଶଙ୍କର ଘଡ଼ିଏ ମହନ୍ତଙ୍କ ମୁହଁକୁ ଅନାଇ ରହିଲେ ।

ମହନ୍ତ ମହାରାଜ କଥା ରଖିଲେ । ଶୀଘ୍ର ରଘୁନାଥଜୀଉ (ମଠର ପୂଜ୍ୟ ଦେବତା)ଙ୍କ ମନ୍ଦିର ଆଗରେ ଇଟାର ସ୍ଥାୟୀ ମଞ୍ଚଟିଏ ତିଆରି ହୋଇଗଲା । ରାମଶଙ୍କରଙ୍କ ଯୋଗାଡ଼ରେ କଲିକତାରୁ ସିନ୍‌ସିନେରୀ ଆଉ ଆଉ ନାଟକ ପାଇଁ ଦରକାରୀ ଜିନିଷପତ୍ର କିଣା ହୋଇ ଆସିଲା । ସରସ୍ୱତୀ ପୂଜା ଦିନ ପ୍ରଥମ ଅଭିନୟ ଆରମ୍ଭ ହେଲା ।

ଏହି ବ୍ୟବସ୍ଥା ବଜାୟ ରହିଲା ପରବର୍ତ୍ତୀ ଏକତ୍ରିଶ ବର୍ଷ ପର୍ଯ୍ୟନ୍ତ । ୧୮୮୫ରୁ ୧୯୧୬ ପର୍ଯ୍ୟନ୍ତ ରାମଶଙ୍କର ଯେତେ ନାଟକ ଲେଖିଲେ- ସରସ୍ୱତୀ ପୂଜା ଦିନ ସେ ନାଟକ ନିଶ୍ଚୟ ମଠମଞ୍ଚରେ ଅଭିନୀତ ହେଉଥିଲା । ଏହି ମଞ୍ଚଟି ମିଳି ନ ଥିଲେ ରାମଶଙ୍କର ଏତେଗୁଡ଼ିଏ ନାଟକ ଲେଖିପାରି ନ ଥାନ୍ତେ ବୋଲି ଏବେ ଆଲୋଚକମାନେ କହୁଛନ୍ତି । ଏକେବାରେ ଠିକ୍ କଥା । କଟକରେ ମଞ୍ଚ ପାଇଁ ଏତେ ଝାମେଲା । ମଞ୍ଚ ନ ଥାଇ ଅବା କି ନାଟକ ? ରଘୁନାଥପୁରୀ ଠିକଣା ସମୟରେ ଓଡ଼ିଆ ନାଟକ ପାଇଁ ସ୍ଥାୟୀ ମଞ୍ଚଟିଏ ଯୋଗାଇ ଦେଇ ନାଟକକୁ ଭଲ ପାଉଥିବା ବହୁ ଦର୍ଶକଙ୍କର ଶ୍ରଦ୍ଧା ଆଉ ସମ୍ମାନର ପାତ୍ର ହୋଇଛନ୍ତି ।

ରଘୁନାଥପୁରୀ ଗତ ହେବା ପରେ ତାଙ୍କ ଚେଲା ରାମନାଥପୁରୀ ସୁଦ୍ଧା ଗୁରୁଙ୍କ ବ୍ୟବସ୍ଥାରେ ହାତ ଦେଇ ନାହାନ୍ତି । ନାଟକ ପ୍ରତିବର୍ଷ ହେଉଥିଲା ଆଉ ରାମଶଙ୍କର ସେଥିରେ ନିମନ୍ତ୍ରିତ ହୋଇ ଯୋଗ ବି ଦେଉଥିଲେ । ସେ ନିଜ ଜନ୍ମଭୂଇଁ ଦୀକ୍ଷିତପଡ଼ାକୁ ମଧ୍ୟ ଭୁଲି ନ ଥିଲେ । ପ୍ରତିବର୍ଷ ଦଶହରା ବେଳକୁ ସେ ନିଶ୍ଚିତ ଗାଁକୁ ଯାଉଥିଲେ । ସେଠାରେ ନିଜ ନାଟକର ଅଭିନୟ କରାଉଥିଲେ ।

Digitized by srujanika@gmail.com

ନିର୍ଦ୍ଦେଶନା ବି ଦେଉଥିଲେ ନିଜେ । ଯାହା ଖର୍ଚ୍ଚ ହେଉଥିଲା, ସେସବୁ ବି ଆପେ ବହନ କରୁଥିଲେ ।

ରାମ ବନବାସ (୧୮୯୧), ବୃନ୍ଦାବର (୧୮୯୨), କଂସବଧ (୧୮୯୬) ପ୍ରଭୃତି ନାଟକ ଗୋଟିଏ ପରେ ଗୋଟିଏ ଲେଖାଯାଇ ମଞ୍ଚସ୍ଥ ହେଉଥାଏ । ସର୍ବମୋଟ ଚଉଦଟି ନାଟକ ସେ ଲେଖିଥିଲେ । ଏ ଭିତରେ ବାରିପଦାରୁ 'ଉତ୍କଳପ୍ରଭା' ବୋଲି ପତ୍ରିକାଟିଏ ବାହାରୁଥାଏ । ସେଇ ପତ୍ରିକାରେ ପ୍ରକାଶ ପାଇଲା ତାଙ୍କର 'ବିବାସିନୀ' (୧୮୯୧) ନାମରେ ଉପନ୍ୟାସ ଧାରାବାହିକ ଭାବରେ । ଏଥିପାଇଁ ତାଙ୍କୁ ପୁରସ୍କାର ବି ଦିଆଗଲା ।

ଏତିକିବେଳେ ଓଡ଼ିଶାରେ ପୁରୁଣା ଆଉ ନୂଆ କବିଙ୍କ ଭିତରେ କିଏ ବଡ଼- ଏହାକୁ ନେଇ ଗୋଟିଏ ବଡ଼ ବିବାଦ ଆରମ୍ଭ ହେଲା । ପୁରୁଣା କବିଙ୍କର ମୁଖିଆ ହେଲେ ଉପେନ୍ଦ୍ର ଭଞ୍ଜ । ଇଂରେଜ ପଢୁଆମାନେ ଭଞ୍ଜଙ୍କ ନାଆଁ ଶୁଣି ନାକ ଟେକିଲେ । କହିଲେ, ତାଙ୍କ କବିତା ବୁଝିବା କଷ୍ଟ । ଯୋଉ ଦାନ୍ତଭଙ୍ଗା ଶବ୍ଦମାନ ସେ ବ୍ୟବହାର କରିଛନ୍ତି, ତାକୁ ବୁଝିବା କାହାର ସାଧ ! ପୁଣି ସେ ଖାଲି ରାଜାରାଣୀଙ୍କ କଥା କହିଛନ୍ତି । ସେଥିରେ ସାଧାରଣ ଲୋକଙ୍କ କଥା କାହିଁ ?

କବି ଯେ କହିବ ରାଧାନାଥଙ୍କୁ ! କାନକୁ ସୁହାଇଲା ଭଳି କେଡ଼େ ସୁନ୍ଦର ସୁନ୍ଦର କଥାମାନ ସେ ଲେଖିଛନ୍ତି ! ଦେଶର ଧୂଳିମାଟି ବି ତାଙ୍କ କଲମ ଛୁଆଁରେ କେଡ଼େ ଚମତ୍କାର ରୂପରେ ବାହାରକୁ ବାହାରିଛନ୍ତି ! ତାଙ୍କ ଭଳି କବି ଆଉ କାହାନ୍ତି ?

ଦେଶର ଲୋକେ ବି ଦୁଇ ଦଳ ହୋଇ ଦୁଇ କବିଙ୍କ ସପକ୍ଷ ଆଉ ବିପକ୍ଷରେ ପାଟିତୁଣ୍ଡ କରିବାକୁ ଆରମ୍ଭ କଲେ । ଆରମ୍ଭ ହୋଇଗଲା ଝଗଡ଼ା । ଏମାନଙ୍କ ପାଇଁ ବାହାରିଲା ଦୁଇଟି ପତ୍ରିକା । ଗୋଟିଏ ଦେବଗଡ଼ରୁ ବାମଣ୍ଡା ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ସାହାଯ୍ୟରେ- ନାଆଁ ତା'ର 'ବିଜୁଳି' । ଆରଟି ବାହାରିଲା କଟକରୁ ଗୌରୀଶଙ୍କରଙ୍କ ନେତୃତ୍ୱରେ 'ଇନ୍ଦ୍ରଧନୁ' ନାଆଁରେ । 'ବିଜୁଳି' ରାଧାନାଥଙ୍କ ତରଫରୁ ତ 'ଇନ୍ଦ୍ରଧନୁ' ଭଞ୍ଜଙ୍କ ତରଫରୁ ଲଢ଼େଇ ଆରମ୍ଭ କଲେ । ରାମଶଙ୍କର ଉପେନ୍ଦ୍ର ଭଞ୍ଜଙ୍କ ଦଳର ଥିଲେ । ଯାହା ହେଉ, ଏଇ 'ଇନ୍ଦ୍ରଧନୁ'

Digitized by srujanika@gmail.com

(୧୮୯୩) ପତ୍ରିକାରେ ରାମଶଙ୍କର ତାଙ୍କର ତୃତୀୟ ଉପନ୍ୟାସ 'ଉନ୍ମାଦିନୀ' ଧାରାବାହିକ ଭାବେ ଲେଖିବାକୁ ଆରମ୍ଭ କରିଥିଲେ । ଉପନ୍ୟାସ ସରି ନାହିଁ, 'କବି-କଳି' ଶେଷ ହୋଇଯିବାରୁ ପତ୍ରିକା ବନ୍ଦ ହୋଇଗଲା । ଉପନ୍ୟାସ ବି ଅଧା ରହିଗଲା ।

କାମ ଏତେବେଳକୁ ବହୁତ ବଢ଼ିଯାଇଥିଲା । ଓକିଲାତି ଥିଲା, ସଭାସମିତି ଥିଲା । ସାଧାରଣ ଲୋକଙ୍କ ପାଇଁ ନାନା କର୍ମର ଜଞ୍ଜାଳ ଭିତରେ ସେ ଲେଖାଲେଖି ଚଳାଇ ରଖିଥିଲେ । ପ୍ରଥମେ ଆରମ୍ଭ କରିଥିଲେ, କାବ୍ୟ ଲେଖାରୁ । ନାଟକ ଲେଖା ତ ତାଙ୍କ ଜୀବନର ସବୁଠାରୁ ଆନନ୍ଦର ବିଷୟ ଥିଲା । ଏହାରି ଫାଙ୍କେ ଫାଙ୍କେ ସେ ତିନୋଟି ଉପନ୍ୟାସ ବି ଲେଖିଲେ । ପ୍ରଥମ ଉପନ୍ୟାସ 'ସୌଦାମିନୀ' ଅଧା ରହିଲା । ଶେଷ ହୋଇପାରିଥିଲେ, ଏହା ହୋଇଥାଆନ୍ତା ଓଡ଼ିଆ ଭାଷାର ପ୍ରଥମ ଉପନ୍ୟାସ । ହୋଇପାରିଲା ନାହିଁ । ମଝିରେ 'ବିବାସିନୀ' । ସୌଭାଗ୍ୟକୁ ଏଇଟି ପୂର୍ଣ୍ଣାଙ୍ଗ । ଶେଷକୁ ଉନ୍ମାଦିନୀ ମଧ୍ୟ ସରିପାରି ନାହିଁ ।

ଏହା ଭିତରେ ସେ ଠିକ୍ କଲେ ସଂସ୍କୃତ ଭାଷାରେ ଲିଖିତ ଆମର ପୁରୁଣା ଶାସ୍ତ୍ରଗୁଡ଼ିକୁ ଓଡ଼ିଆରେ ଅନୁବାଦ କରିବେ । ଯେଉଁମାନେ ସଂସ୍କୃତ ପଢ଼ି ନାହାନ୍ତି ସରଳ ଓଡ଼ିଆ ଭାଷାରେ ସେସବୁ ପଢ଼ିବାକୁ ପାଇଲେ, ସେମାନଙ୍କର ବହୁତ ଉପକାର ହେବ । ଇଂରାଜୀ ଶିକ୍ଷାର ପ୍ରଚାର ସହିତ ସେମାନଙ୍କର ଚାଲିଚଳଣ, ଆଚାର ବ୍ୟବହାର ଇତ୍ୟାଦିକୁ ଅନୁକରଣ କରିବାକୁ ଯାଇ ଏ ଦେଶର ତରୁଣ ସମାଜ ଯେମିତି ବାଟ ହୁଡ଼ି ଯାଉଛନ୍ତି, ଆମର ଶାସ୍ତ୍ର, ପୁରାଣ ପଢ଼ିଲେ କିଛି ତ ଅନ୍ତତଃ ଭଲ ବାଟକୁ ଆସିବେ !

ପ୍ରଥମେ ଭଗବତ ଗୀତା (୧୮୯୩)ର ସରଳ ଅନୁବାଦ କଲା ପରେ ସେ କ୍ରମେ 'ମନୁସଂହିତା', 'ଶ୍ୱେତାଶ୍ୱେତର ଉପନିଷଦ', 'ଈଶୋପନିଷଦ', 'ଯଜୁର୍ବେଦ ସଂହିତା', 'ଋକ୍‌ବେଦ ସଂହିତା' ଓ 'କେନୋପନିଷଦ' ପ୍ରଭୃତିର ଅନୁବାଦ କରି ପ୍ରଚାର କରାଇଥିଲେ । ଏହାଛଡ଼ା ସେ ଉତ୍କଳ ସାହିତ୍ୟ, ମୁକୁର, ଦୀପିକା ପ୍ରଭୃତି ପତ୍ରିକାରେ ଅନେକ ପ୍ରବନ୍ଧ ଲେଖିଥିଲେ । ନାଟକ ପାଇଁ ତାଙ୍କୁ 'ନଟସମ୍ରାଟ୍', 'ଉତ୍କଳର ସେକ୍ସପିୟର' ପ୍ରଭୃତି ନାନା ଶ୍ରଦ୍ଧାପୂର୍ଣ୍ଣ ସମ୍ବୋଧନରେ ସମ୍ବୋଧିତ କରାଯାଇଥିଲା ।

Digitized by srujanika@gmail.com

ଯାହା କରିବେ ସାଇଁ

ବୟସ ଆଗେଇ ଥିଲା । ପରିବାରର ଦାୟିତ୍ୱ ମଧ୍ୟ ବଢୁଥିଲା । ଗୌରୀଶଙ୍କର ଯୋଗ୍ୟ ସାନଭାଇ ହାତରେ ସବୁ ଭାର ଦେଇ ନିଜେ ଏକପ୍ରକାର ନିଶ୍ଚିନ୍ତ ହୋଇ ରହିଥିଲେ । ରାମଶଙ୍କର ଧୀରେ ଧୀରେ ସାଧାରଣ ଲୋକଙ୍କର ସମସ୍ୟା ସହିତ ଛନ୍ଦି ହୋଇଯାଉଥିଲେ ।

ଏଇଥିପାଇଁ ସେ 'ଉତ୍କଳସଭା'ର ସଭ୍ୟ ହୋଇଥିଲେ । ୧୮୮୨ ମସିହାରେ ଭାରତର ସେକାଳର ବଡ଼ଲାଟ ଲର୍ଡ ରିପନ୍ ଭାରତବାସୀଙ୍କ ପାଇଁ 'ସ୍ୱାୟତ୍ତ ଶାସନ' ନାମରେ ଗୋଟିଏ ପ୍ରକାରର ନୂଆ ଶାସନ ବ୍ୟବସ୍ଥା ଚଳାଇଲେ । ଏହା ଫଳରେ ସାଧାରଣ ଲୋକେ ନିଜର ପ୍ରତିନିଧି ବାଛିବେ । ଆଉ ସେଇମାନେ ବସି ଲୋକଙ୍କର ମଙ୍ଗଳ ପାଇଁ ନାନା ହିତକାରୀ ବ୍ୟବସ୍ଥାମାନ ଗ୍ରହଣ କରିବେ । ଭଲ କଥା- ନାହିଁ ମାମୁଠାରୁ କଣାମାମୁଟିଏ ଥିବା ବରଂ ଭଲ । ଡାକିଦେଲେ 'ଓ'ଟିଏ ତ କରିବ । ସେ 'ଉତ୍କଳସଭା' ଜରିଆରେ ଓଡ଼ିଶା ପାଇଁ ଏହି 'ସ୍ୱାୟତ୍ତ ଶାସନ' ବ୍ୟବସ୍ଥା ଦାବି କରିବେ । ଯଦି ମିଳିଯାଏ, ତେବେ ଦେଶ ଆଉ ଦଶଙ୍କ ପାଇଁ କିଛି କାମ କରିବାର ସୁଯୋଗ ମିଳିବ । ବଡ଼ଲାଟଙ୍କ ମଞ୍ଜୁରି ମିଳିଯିବାରୁ କଟକରେ ମ୍ୟୁନିସିପାଲଟି ଗଠିତ ହୁଏ ୧୮୯୪ରେ । ରାମଶଙ୍କର ହୁଅନ୍ତି ଏହାର 'ଭାଇସ୍ ଚେୟାରମ୍ୟାନ' । ଲୋକେ ତାଙ୍କୁ କହିଲେ 'ନଗରପିତା' ।

ରାମଶଙ୍କର ସହରର ଦୁଇଟି ବ୍ୟବସ୍ଥାରେ ଉନ୍ନତି କରିବାକୁ ପ୍ରଥମେ ଚେଷ୍ଟା କଲେ । ପ୍ରଥମଟି ହେଉଛି ଲୋକଙ୍କର ସ୍ୱାସ୍ଥ୍ୟ । ଫେବୃୟାରୀ ମାର୍ଚ୍ଚ ମାସରୁ ଏଠାରେ ହଇଜା ଆରମ୍ଭ ହୋଇଯାଏ । ବେଳେବେଳେ ଏହା ଭୟଙ୍କର ରୂପ ବି ନିଏ । ଡରରେ ଘରେ ଘରେ ତାଟିକବାଟ ପଡ଼ିଯାଏ । ଏହି ରୋଗର କାରଣ ଜାଣି ନ ଥିବାରୁ ଲୋକେ ତାକୁ 'ବାଡ଼ି ଠାକୁରାଣୀ' ବୋଲି କହନ୍ତି । ପଣାପାଣି ଦେଇ ଠାକୁରାଣୀଙ୍କର କୋପ ଶାନ୍ତ କରିବାକୁ ଚେଷ୍ଟା କରନ୍ତି । ମଇଳାପାଣି ଆଉ ମାଛି- ଏ ଦୁଇଟି ଦ୍ୱାରା ଏ ରୋଗ ବ୍ୟାପିଯାଏ ବୋଲି ଲୋକେ ଜାଣନ୍ତି ନାହିଁ ।

Digitized by srujanika@gmail.com

ରାମଶଙ୍କର ଠିକ୍ କଲେ, ସେ ଘର ଘର ବୁଲି ଲୋକଙ୍କୁ ବୁଝାଇବେ । ପିଇବା ପାଣି ମୁହାଁକ ସଫା ରଖିବା ସହିତ ଘରଦ୍ୱାର ବି ପରିଷ୍କାର ରଖିବାକୁ କହିବେ । ହଇଜା ରୋଗୀର ସେବା କିଭଳି କରିବାକୁ ହେବ, ତାହା ମଧ୍ୟ ଜଣାଇବେ । ଏଥିପାଇଁ ସେ ଗୋଟିଏ ଦଳ ଗଢ଼ି କାମ ଆରମ୍ଭ କରିଥିଲେ । ସାହି ସାହି ବୁଲି ଲୋକଙ୍କୁ ବୁଝାଇଥିଲେ । ଏହିଭଳି ଭାବରେ ଅନେକ ଜୀବନ ବଞ୍ଚିଯାଇଥିଲା ।

ସେହିଭଳି ସହରର ଆଉ ଗୋଟିଏ ବଡ଼ ବିପଦ ହେଉଛି ଘରପୋଡ଼ି । ସହର ସାରା ଚାଳଘର ଭର୍ତ୍ତି । ଘରଗୁଡ଼ିକ ପୁଣି ଲଗାଲଗି । ଗୋଟାଏ ପଟରେ ନିଆଁ ଲାଗିଲେ, ସାହି କି ସାହି ସଫା ହୋଇ ଲୋକେ ଉଚ୍ଛନ୍ନ ହୋଇଯାଆନ୍ତି । କଥାରେ କହନ୍ତି- 'ଘରପୋଡ଼ିଠାରୁ ବିପତ୍ତି ନାହିଁ ।' ରାମଶଙ୍କର ଗୋଟିଏ 'ନିଆଁଲିଭା ଦଳ' ଗଢ଼ି ଦରକାରବେଳେ ଲୋକଙ୍କର ସାହାଯ୍ୟ ପାଇଁ ପଠାଉଥିଲେ । ସେ ଭଲ ଭାବରେ ବୁଝିଥିଲେ, ସହରରେ ଏତେ ଯେ ବିପଦ ଆପଦ ଘଟୁଛି, ସେ ସବୁର ବଡ଼ କାରଣ ହେଉଛି ଲୋକଙ୍କର ମୂର୍ଖତା । ପାଠ ଦି'ଅକ୍ଷର ପଢ଼ିଥିଲେ, ବିପଦରୁ ଉଦ୍ଧାର ପାଇବାର ବାଟ ଆପେ ଆପେ ଦିଶିବ । ଲୋକେ ତ ପାଠ ପଢ଼ିବା ଆଡ଼େ ମନ ଦେଉ ନାହାନ୍ତି । ସହର ଭିତରେ ଯେତିକି ବା ସ୍କୁଲ ରହିଛି, ସେଥିରେ ପିଲା ହେଉ ନାହାନ୍ତି । ଏ ଅସୁବିଧା ତାଙ୍କ ପିଲାବେଳେ ବି ଥିଲା । ଲୋକଙ୍କୁ ବୁଝାବୁଝି କରି ଯେମିତି ହେଲେ, ପିଲାମାନଙ୍କୁ ସ୍କୁଲରେ ନାଆଁ ଲେଖାଇବାର ବାଟ ଖୋଜିବାକୁ ପଡ଼ିବ ।

କାମ ପରେ କାମ । ଦିନ ଯାଇ କେତେବେଳେ ରାତି ହୁଏ ଏକଥା ସେ ଜାଣିପାରନ୍ତି ନାହିଁ । ଥରକୁଥର ହୋଇ ତିନି ଥରରେ ମୋଟ ନଅ ବର୍ଷ କାଳ ସେ ଭାଇସ୍-ଚେୟାରମ୍ୟାନ ରହିଲେ । ଚେୟାରମ୍ୟାନ ବିଶେଷ କିଛି ବୁଝନ୍ତି ନାହିଁ । କାମିକା ଲୋକ ଉପରେ ସବୁ ତୋଡ଼ । ମୁହଁ ବୁଜି କାମରେ ଲାଗିଥିବା ହେଉଛି ତାଙ୍କର ସ୍ୱଭାବ । ତାଙ୍କ ଅମଳରେ ସହରର ରାସ୍ତାଘାଟ, ପରିଷ୍କାର ପରିଚ୍ଛନ୍ନତା, ନାଳନର୍ଦ୍ଦମା ବ୍ୟବସ୍ଥା । ସବୁ ଆଗ ଅପେକ୍ଷା ବେଶ୍ ଭଲ ହୋଇଯାଇଥିଲା । ସହରସାରା ସବୁଦିନ ବୁଲି ସେ ଏସବୁ ଆଡ଼େ ନିଘା ରଖୁଥିଲେ ।

Digitized by srujanika@gmail.com

ସେ ଭାବନ୍ତି, କିଏ ଯେମିତି ତାଙ୍କର ହାତ ଧରି ଏଇସବୁ କାମ କରେଇ ନେଉଛି । ନିୟମିତ ଲେଖାଲେଖି ଚାଲିଛି । କଂସବଧ, ବିଷମୋଦକ, ଯୁଗଧର୍ମ, କାଞ୍ଚନମାଳୀ, ଚୈତନ୍ୟଲୀଳା, ଲୀଳାବତୀ, ବଡ଼ଲୋକ, ରାମାଭିଷେକ ପ୍ରଭୃତି ନାଟକ ସବୁ ଗୋଟିକ ପରେ ଗୋଟିଏ ଲେଖାଯାଉଛି । ସେସବୁ ମଞ୍ଚସ୍ଥ ହେଉଛି । କେହି ନିନ୍ଦା କରୁଛନ୍ତି ତ ଅନେକ ପ୍ରଶଂସା ବି ମିଳୁଛି । କୋଠପଦା ମଞ୍ଚରେ ଅଭିନୟ ଚାଲୁଛି ଆଗଭଳି । ମଝିରେ ବନ୍ଦ ହୋଇଯାଇଥିଲା କେଇ ବର୍ଷ । ମହନ୍ତ ଆଉ ତାଙ୍କ ଚେଲାଙ୍କ ଭିତରେ ମାଲିମକଦ୍ଦମା ଚାଲିଥିଲା । ନାଟକ କଥା ଆଉ କିଏ ବୁଝୁଚି ! ପୁରୁଣା ମହନ୍ତ ଗତ ହୋଇ ନୂଆ ଗାଦିରେ ବସିବାରୁ ଆଗ ଭଳି ପୁଣି ନାଟକ ଚାଲିଲା ।

ଓକିଲାତିରେ ନାଆଁ ହେଲା ପରେ ସିରସ୍ତାର କାମ ବି ବଢ଼ୁଚି । ପରିବାରର ନିତିଦିନିଆ କାମ ତ ରହିଚି । ଏସବୁ ଭିତରେ ବି ସେ ସବୁ କାମ ପାଇଁ ସମୟ କରିନିଅନ୍ତି । କେମିତି କରନ୍ତି, ତାହା ଗୋଟିଏ ରହସ୍ୟ ହୋଇ ରହିଯାଏ । ପ୍ରକୃତରେ ରାମଶଙ୍କର ସମୟକୁ ବଡ଼ ଜଗୁଥିଲେ । ଯେଉଁ ସମୟରେ ଯେଉଁ କାମଟି କରିବାର କଥା, ଠିକ୍ ସେହି ସମୟରେ କରି ଦେଉଥିଲେ । ତେଣୁ କାମ ବାକିଆ ପଡୁନଥିଲା କି ତାଙ୍କ ପାଇଁ ସମୟ ବି ଅଭାବ ହେଉ ନ ଥିଲା । ଯେକୌଣସି ଭଲ କାମ ପାଇଁ ସେ ଆଗୁଆ ହୋଇ ବାହାରି ପଡୁଥିଲେ ।

୧୯୦୩ ମସିହାରେ ଓଡ଼ିଶା ତଥା ଓଡ଼ିଆମାନଙ୍କର ହିତ କାମନାରେ ମଧୁସୂଦନ ପ୍ରତିଷ୍ଠା କରନ୍ତି 'ଉତ୍କଳ ସମ୍ମିଳନୀ' ନାମକ ଏକ ଅନୁଷ୍ଠାନ । ପ୍ରକୃତରେ ମଧୁବାବୁ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇ, ସେଠାରେ ଓଡ଼ିଆମାନଙ୍କର ସମସ୍ୟା କଥା ଉଠାଇବାକୁ ଚେଷ୍ଟା କରିଥିଲେ । ଓଡ଼ିଆ ଭାଷାଭାଷୀ ସବୁ ଅଞ୍ଚଳକୁ ନେଇ ଅଲଗା ଓଡ଼ିଶା ପ୍ରଦେଶଟିଏ ଗଢ଼ିବା ପାଇଁ ଦାବି ଜଣାଇଥିଲେ । ମାତ୍ର ଭାରତୀୟ ନେତାମାନେ ତାଙ୍କର ଏଭଳି ପ୍ରସ୍ତାବକୁ ଗ୍ରହଣ ନ କରିବାରୁ ସେ କଂଗ୍ରେସ ଛାଡ଼ି ବାହାରି ଆସିଥିଲେ । ଆଉ କେବେ ସେ ଜାତୀୟ କଂଗ୍ରେସକୁ ଫେରି ନାହାନ୍ତି । ଘର ଟାଣ ହେଲେ ବାହାର ଆପେ ଆପେ ଟାଣ ହେବ- ଏହା ଥିଲା ତାଙ୍କର ଦୃଢ଼ ବିଶ୍ୱାସ ।

Digitized by srujanika@gmail.com

ଭାରତୀୟ ଦରବାରରେ ଓଡ଼ିଆମାନଙ୍କର ଦାବି ଉଠାଇବା ପାଇଁ ହିଁ ଉତ୍କଳ ସମ୍ମିଳନୀର ସୃଷ୍ଟି । ଆରମ୍ଭରୁ ରାମଶଙ୍କର ଏହି ସଂଗଠନରେ ଯୋଗ ଦେଇଥିଲେ । ସମ୍ମିଳନୀ ପାଇଁ କାମ ବି କରୁଥିଲେ । ମଧୁବାବୁ ସମ୍ମିଳନୀର ସଭ୍ୟମାନଙ୍କ ପାଇଁ ନାଲି ରଙ୍ଗର ଗୋଟିଏ ପଗଡ଼ିର ବ୍ୟବସ୍ଥା କରିଥିଲେ । ମରିବା ପର୍ଯ୍ୟନ୍ତ ଏହି ପଗଡ଼ି ପିନ୍ଧି ରାମଶଙ୍କର ସରକାରୀ ତଥା ଅନ୍ୟ ଯେକୌଣସି କାମରେ ଯୋଗ ଦେଉଥିଲେ । ତାଙ୍କର 'କାଞ୍ଚନମାଳୀ' ନାଟକଟି ସମ୍ମିଳନୀର ଆଦର୍ଶ ପ୍ରଚାର କରିବା ପାଇଁ ଲେଖାଯାଇଛି ।

ସେହିଭଳି ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ସଂପର୍କରେ ବିଚାର ଆଲୋଚନା କରିବା ନିମନ୍ତେ କବି ମଧୁସୂଦନଙ୍କ ଉଦ୍‌ଯୋଗରେ ସ୍ଥାପିତ ହୁଏ 'ଉତ୍କଳ ସାହିତ୍ୟ ସମାଜ' ୧୯୦୪ରେ । ରାମଶଙ୍କର ଏଥିରେ ଯୋଗ ଦେଇ ଏହାର ଉପସଭାପତି ହୁଅନ୍ତି । ପରେ ଅନେକ ବର୍ଷ ଧରି ସଭାପତି ମଧ ରହିଛନ୍ତି ।

ଏହାଛଡ଼ା ସେ ବିଭିନ୍ନ ସମୟରେ ଓଡ଼ିଶା ଆସୋସିଏସନ୍‌ର ସଂପାଦକ, ଇଂଜିନିୟରିଂ ସ୍କୁଲର ପରିଚାଳନା ସମିତି ସଭ୍ୟ, ଜେଲର ପରିଦର୍ଶକ, ପ୍ୟାରୀମୋହନ ଏକାଡ଼େମୀ ଏବଂ ଅସୁରେଶ୍ୱର ମଧ୍ୟଇଂରାଜୀ ସ୍କୁଲ ପରିଚାଳନା ସମିତିର ସଭାପତି, ଦାତବ୍ୟ ଚିକିତ୍ସାଳୟର ସଭାପତି ପ୍ରଭୃତି ଅନେକ ସଂସ୍ଥାରେ ଯୋଗ ଦେଇ, ସୁଚାରୁରୂପେ ନିଜର ଦାୟିତ୍ୱ ତୁଲାଇଛନ୍ତି । ଏଇସବୁ ଲୋକ-ହିତକର କାମ ପାଇଁ ଇଂରେଜ ସରକାର ତାଙ୍କୁ ୧୯୦୩ ମସିହାର କଟକ ଦରବାରରେ ଏକ ସମ୍ମାନସୂଚକ ପ୍ରମାଣ ପତ୍ର ପ୍ରଦାନ କରିଥିଲେ ।

ରାମଶଙ୍କର ଥିଲେ କର୍ତ୍ତବ୍ୟପରାୟଣ, ନୀତିନିଷ୍ଠ, ସମୟାନୁବର୍ତ୍ତୀ ଏବଂ ଜ୍ଞାନୀ ମଣିଷ । ଓଡ଼ିଶାର ଶିକ୍ଷିତ ଗୋଷ୍ଠୀ ତାଙ୍କୁ ଶ୍ରଦ୍ଧା ଆଉ ସମ୍ମାନ ଜଣାଉଥିଲେ । ଠିକଣା ଜାଗାରେ ଠିକ୍ କଥା ଓ ଯେତିକି ଦରକାର ସେତିକି କହିବା ଥିଲା ତାଙ୍କର ଅଭ୍ୟାସ । ବଡ଼ଭାଇ ଗୌରୀଶଙ୍କରଙ୍କଠାରୁ ସେ ଗୋଟିଏ କଥା ଭଲ ଭାବରେ ଶିଖିଥିଲେ । ଯାହା ଠିକ୍ ବୋଲି ଭାବିବ, ମୁଣ୍ଡ କଟିଗଲେ ବି ତହିଁରୁ ଓହରିବ ନାହିଁ । ସେଇଥିରୁ ତମର ଓଜନ ସମସ୍ତେ ବୁଝିବେ । ଭାଗବତରୁ ଦାୟିକା ଦେଇ କହନ୍ତି–

Digitized by srujanika@gmail.com

ସର୍ବେ ଚଳିବେ କାଳ ବଳେ
କଥା ରହିବ ମହୀତଳେ ।।

କଥା ପଦକରେ ବଣର ବାଘ ବଶ ହୁଏତ, ସେଇ କଥାରେ ବସୁଧା ଫାଟିଯାଏ । ଦାଦାଙ୍କର ସବୁ କଥା ତାଙ୍କ ପାଇଁ ବେଦର ଗାର । ଜୀବନରେ କେବେ କାହାକୁ ପଦଟିଏ ହୁଡ଼ି ନାହାନ୍ତି କି ହକ୍ କଥାରେ ନବାବ ପୁଅକୁ ଜବାବ ଦେବାକୁ ବି ଭୁଲି ନାହାନ୍ତି । ଏଇ ଯେମିତି ଚଉଷଠୀପଡ଼ା ଜମିଦାରଙ୍କ କଥା । ସେଇ ଜିଲ୍ଲାର ସେ ବି ଥିଲେ ଧରାବନ୍ଧା ଓକିଲ । ବର୍ଷକିଆ ପାଉଣାରେ ଚୁକ୍ତି ହେଉଥିଲା । କଟକରେ ତ ଓକିଲ ଅଭାବ ନାହାନ୍ତି । ଥରେ ରାମଶଙ୍କର ଶୁଣିଲେ, ସେମାନେ ତାଙ୍କର ଅଲଗା ଓକିଲ କରି ଗଲେଣି । ଅଥଚ ତାଙ୍କୁ ଭଦ୍ରତା ଦୃଷ୍ଟିରୁ ଟିକିଏ ଖବର ବି ଦେଇ ନାହାନ୍ତି । ଭଲ କଥା, ତାଙ୍କର କିଛି ପାଉଣା ରହିଯାଇଛି । ତାକୁ ଦେଉ ନାହାନ୍ତି କାହିଁକି ?

ରାମଶଙ୍କର ଅପେକ୍ଷା କଲେ କିଛି ଦିନ । ଜମିଦାରଙ୍କର କିଛି ଖବର ନାହିଁ । ଚିଠି ପଠାଇଲେ- ଉତ୍ତର ନାହିଁ । ଲୋକ ପଠାଇଲେ, ଦେଖା ମିଳୁ ନାହିଁ । ବଡ଼ ଅଜବ କଥା । ତାଙ୍କ ପାଉଣା ବୁଡ଼ାଇ ଦେବାକୁ ବସିଛି ଲୋକଟା । ସେ କ'ଣ କୁଣ୍ଡା ଦେଇ ଓକିଲାତି ପଢ଼ିଛନ୍ତି । ନାକରେ ଦଉଡ଼ି ଦେଇ ଘିଡ଼ିଘିଡ଼ି କରି ଘୋଷାଡ଼ି ଆଣିବେ । ତାଙ୍କର ଜିଦ୍ ଚଢ଼ିଗଲା । ବାକିଆ ପାଉଣା ପାଇଁ କୋର୍ଟରେ ନାଲିସ କଲେ । ଇଂରେଜ ଅମଳ । କୋର୍ଟରେ କେସ ଉଠିବାକୁ ବେଶି ଡେରି ବି ଲାଗିଲା ନାହିଁ । ହେଲେ କ'ଣ ହେବ ! ଜମିଦାର ପକ୍ଷ ନୀରବ । କେହି ବି କୋର୍ଟରେ ହାଜିରା ଦେଲେ ନାହିଁ । ବାକିଆ ପାଉଣା ପାଇଁ ରାମଶଙ୍କର ଏକତରଫା ଡିଗ୍ରୀ ନେଇ ମାହାଲକୁ ନିଲାମରେ ଉଠାଇଲେ । ଆପେ ପୁଣି ତାକୁ ନିଲାମରେ ଧରିଲେ । ଏତିକିବେଳେ ଜମିଦାରଙ୍କର ଆସନ ଟଳିଲା । ତାଙ୍କର ମ୍ୟାନେଜର କଟକ ଧାଇଁ ଆସି ରାମଶଙ୍କରଙ୍କର ଗୋଡ଼ହାତ ଧରିଲେ । ରଫା କରିଦେବା ପାଇଁ କାକୁତିମିନତି କଲେ ।

ବାପଧନ ଏତେ ଦିନେ ବୁଦ୍ଧି ଶିଖିଲେ ! ତିଙ୍କିକି ସାମାନ୍ୟ କାଠ ଖଣ୍ଡେ ବୋଲି ଟାହୁଲି କଲେ, ସେ ତା'ର ପ୍ରତାପ ଦେଖାଇବ ନାହିଁ ! ରାମଶଙ୍କର

Digitized by srujanika@gmail.com

ପ୍ରଥମେ ମ୍ୟାନେଜର ବାବୁଙ୍କୁ ଧରାଛୁଆଁ ଦେଲେ ନାହିଁ । ଜମିଦାରୀ ମାଡ଼ିବସିବା ତ ତାଙ୍କର ଉଦ୍ଦେଶ୍ୟ ନୁହେଁ । ଲୋକଟାକୁ କେବଳ ଅକଲ ଶିଖାଇବାକୁ ସେ ଚାହୁଁଥିଲେ । ଲୋକଟା ପ୍ରକୃତରେ ଅନୁତପ୍ତ ବୋଲି ଯେତେବେଳେ ତାଙ୍କର ବିଶ୍ୱାସ ହେଲା, ସେ କଡ଼ାଗଣ୍ଡା କରି ନିଜର ପ୍ରାପ୍ୟତକ ବୁଝିନେଇ, 'ନା ଦାବି' ଲେଖି ଜମିଦାରୀ ଫେରାଇ ଦେଲେ । ପଇସାଟିଏ ବି ଅଧିକ ନେଲେ ନାହିଁ ।

ଏମିତି ଥିଲେ ରାମଶଙ୍କର ।

ବୟସ ବେଳେ ସାଙ୍ଗ ମେଳରେ ପଡ଼ି ସଉକିଆ ହୋଇଯାଇଥିଲେ । ଦାଦାଙ୍କର ପଦେ ଅଭିମାନିଆ କଥାରେ ସେ ସବୁ ଛାଡ଼ି ଦେଇଥିଲେ । କେବଳ ପୋଷାକପତ୍ରର ସଉକିଟା ଶେଷ ପର୍ଯ୍ୟନ୍ତ ଛାଡ଼ି ନ ଥିଲେ । ରୁଚିପୂର୍ଣ୍ଣ ପୋଷାକ ପିନ୍ଧୁଥିଲେ । ଭିନ୍ନ ଭିନ୍ନ ଋତୁ ପାଇଁ ଅଲଗା ଅଲଗା ରଙ୍ଗର ଆଉ ମାପର ପୋଷାକ । ଏମିତିକି ଶୁଣାଯାଏ, ତାଙ୍କର ପୋଷାକର ରଙ୍ଗ ଦେଖି ଲୋକେ ଋତୁ ଠିକଣା କରୁଥିଲେ ।

ସନ୍ଧ୍ୟାବେଳେ କାଠଯୋଡ଼ି କୂଳରେ ବୁଲିବା ଥିଲା ତାଙ୍କର ନିତିଦିନିଆ ଅଭ୍ୟାସ ।

ଧର୍ମ ସଂପର୍କରେ ତାଙ୍କର ମନ ଥିଲା ବଡ଼ ଉଦାର । ଗୌରୀଶଙ୍କର ସେ ସମୟର ଶିକ୍ଷିତ ସମାଜରେ ଖୁବ୍ ପ୍ରଚାରିତ ହେଉଥିବା 'ବ୍ରାହ୍ମଧର୍ମ' ଗ୍ରହଣ କରିଯାଇଥିଲେ ୧୮୭୦ ମସିହାରେ । ତେବେ ରାମଶଙ୍କର ସେଥିରେ ପଶି ନ ଥିଲେ । ଏମିତିରେ ଦେଖିବାକୁ ଗଲେ, ସେ ଗୌଡ଼ୀୟ ବୈଷ୍ଣବ ଧର୍ମକୁ କେତେକ ଦୃଷ୍ଟିରୁ ସମର୍ଥନ କରୁଥିଲେ । ଦୟାନନ୍ଦଙ୍କର 'ଆର୍ଯ୍ୟସମାଜ'କୁ ମଧ୍ୟ ତାଙ୍କର ଯା'ଆସ ଥିଲା । ମୋଟ ଉପରେ ଭିନ୍ନ ଭିନ୍ନ ଧର୍ମର ଭଲ ଦିଗଗୁଡ଼ିକ ତାଙ୍କୁ ଯଥେଷ୍ଟ ପ୍ରଭାବିତ କରୁଥିବାର ଦେଖାଯାଉଛି । ଆର୍ଯ୍ୟସମାଜୀଙ୍କ ପରି ସେ ମଧ୍ୟ ବ୍ରାହ୍ମଣମାନଙ୍କର ଉପନୟନ ସଂସ୍କାର, ପଇତା ଧାରଣ ଇତ୍ୟାଦିକୁ ଗ୍ରହଣ କରି ନେଇଥିଲେ । ସବୁଠାରୁ ବଡ଼ ସଂସ୍କାର ସେ କରିଥିଲେ, ମୃତ ବ୍ୟକ୍ତିଙ୍କ ପାଇଁ କରାଯାଉଥିବା ଶୌଚ ବ୍ୟବସ୍ଥାରେ । ପୂର୍ବରୁ କାୟସ୍ଥମାନେ ମାସାଧିକ କାଳ ଏହି

Digitized by srujanika@gmail.com

ଶୌଚ କାମରେ ବ୍ୟସ୍ତ ରହୁଥିଲେ । ମନୁସ୍ମୃତିଠାରୁ ଆରମ୍ଭ କରି ଅନେକ ଶାସ୍ତ୍ର ପଢ଼ିବା ପରେ ତାଙ୍କର ବିଶ୍ୱାସ ହେଲା ଯେ, ବ୍ରାହ୍ମଣମାନଙ୍କ ପରି ଯେକୌଣସି ଜାତି ସେଇ ଏଗାରଦିନିଆ ଶୌଚକ୍ରିୟାର ଅଧିକାରୀ । ଏଥିପାଇଁ ମାସାଧିକ କାଳ ଲଗାଇବାର କୌଣସି କାରଣ ନାହିଁ । ଏହି ବ୍ୟବସ୍ଥା ଆଜି ମଧ୍ୟ ଚାଲୁ ରହିଛି ।

ଜୀବନର ଉଠାପକା ରାସ୍ତାରେ

ସମୟ ଯେମିତି ଡେଣା ଲଗାଇ ଉଡ଼ିଯାଉଛି । ଦିନେ ଏହି ସହରରେ ସେ ବଡ଼ଦାଦାଙ୍କର ହାତ ଧରି ପାଦ ଦେଇଥିଲେ । ବୟସ ହୋଇଥିଲା ସାତ ବରଷ । ମନେହେଉଛି ଏଇ ଯେମିତି ସେଦିନ ! ତା'ପରେ ତ କେତେ ପରିବର୍ତ୍ତନ ହେଲା । ଗୋଟିଏ ଅଦୃଶ୍ୟ ଶକ୍ତି ଯେମିତି ତାଙ୍କର ହାତ ଧରି ବାଟ କଢ଼ାଇ ଏ ପର୍ଯ୍ୟନ୍ତ ନେଇ ଆସିଲା । ସେ ଭଗବାନ୍‌ଙ୍କୁ ମାନନ୍ତି । କିନ୍ତୁ ତାଙ୍କ ନାମରେ ପ୍ରଚାରିତ ଅତି ଅଦ୍‌ଭୁତ କାହାଣୀମାନଙ୍କ ଉପରେ ତାଙ୍କର ଟିକିଏ ହେଲେ ବିଶ୍ୱାସ ନ ଥାଏ । ଏଇ ଯେମିତି ଦଶରଥଙ୍କ ପୁଅ ରାମଚନ୍ଦ୍ର କୁଆଡ଼େ ପଞ୍ଚାଏ ଭାଲୁ ଆଉ ମାଙ୍କଡ଼ ଧରି ସମୁଦ୍ରରେ ବନ୍ଧ ବାନ୍ଧି ଲଙ୍କା ଜୟ କରିଥିଲେ । ସେ ଭଲ ଭାବରେ ରାମାୟଣ ପଢ଼ି ତହିଁରେ ଭାଲୁ ମାଙ୍କଡ଼ ବିଷୟ କେଉଁଠି ସିଧାସଳଖ ଲେଖାଯାଇଥିବାର ଦେଖିବାକୁ ପାଇ ନାହାନ୍ତି । ବରଂ ସେ ଯାହା ବୁଝିଛନ୍ତି- ସେ ସମୟରେ ଦକ୍ଷିଣ ଭାରତରେ ଏକ ଅତି ଉନ୍ନତ ଅଣଆର୍ଯ୍ୟ ସଂସ୍କୃତି ରହିଥିବାର ବାଲ୍ମୀକି ଲେଖିଛନ୍ତି । ପାଣିରେ ବନ୍ଧ ବାନ୍ଧିବାର ବୈଜ୍ଞାନିକ କୌଶଳ ସେମାନଙ୍କୁ ଭଲ ଭାବରେ ଜଣାଥିଲା । ସେମାନେ ଏହି ଉପାୟରେ ଆକାଶରେ ଉଡୁଥିଲେ, ପାଣିରେ ବୁଡୁଥିଲେ । ସେମାନଙ୍କର ଏଇ ଜ୍ଞାନ କୌଶଳର କଥା ତ ତାଙ୍କର ଶେଷ ନାଟକ 'ରାମ ବନବାସ'ରେ କହିଲେ । ମାତ୍ର ଲୋକେ ତାକୁ ଗ୍ରହଣ କଲେ ନାହିଁ । ତାଙ୍କୁ 'ନାସ୍ତିକ' ବୋଲି କହି ହସରେ ଉଡ଼ାଇ ଦେଲେ ।

ତେବେ ସମୟ ଆସୁଛି, ଲୋକେ ବିଶ୍ୱାସ କରିବାକୁ ବାଧ୍ୟ ହେବେ ଯେ, ମଣିଷ ହିଁ ନିଜର ବିଦ୍ୟା ବୁଦ୍ଧି କୌଶଳ ଦ୍ୱାରା ଆକାଶରେ ଉଡ଼ିବାର, ପାଣିରେ

Digitized by srujanika@gmail.com

ବୁଡ଼ିବାର କି ପବନରେ ଭାସିବାର ଉପାୟମାନ ବାହାର କରିବ । ସେଠି କୌଣସି ଭଗବାନ୍ ନ ଥିବେ । ଆଉ ଏ ସବୁ ଦେଖିବାକୁ ସେ ବି ନ ଥିବେ ।

ଗୌରୀଶଙ୍କର ଗତ ହେଲେ ୧୯୧୭ ମସିହାରେ । ଶେଷ ଜୀବନରେ ଦୁଇଟି ଘଟଣା ପାଇଁ ବହୁତ କଷ୍ଟ ପାଇଲେ । ପ୍ରଥମ ଘଟଣାଟି ହେଉଛି ଦୁଇଭାଇଙ୍କ ଭିତରେ ବିଷୟ ସଂପତ୍ତିକୁ ନେଇ ମତଭେଦ । ରାମଶଙ୍କରଙ୍କୁ ସେ ନିଜ ହାତରେ ନିଜ ଆଦର୍ଶରେ ଗଢ଼ିଥିଲେ । ରାମଶଙ୍କର ବି ସାରା ଜୀବନ ଧରି ତାଙ୍କର ଯଥାର୍ଥ ଅନୁଜ ଓ ଅନୁଗ ଭାବରେ କାମ କରିଯାଇଛନ୍ତି । ଶେଷ ବେଳକୁ କ'ଣ ଯେ ହେଲା, କେହି ବୁଝିପାରିଲେ ନାହିଁ ।

ଗୌରୀଶଙ୍କରଙ୍କର ଏକମାତ୍ର ପୁଅଟି ବାହୁଡ଼ିଲା ପରେ ଝିଅ ତିନୋଟି ପର ଘରୀ । ସ୍ତ୍ରୀ ବହୁ ପୂର୍ବରୁ ଗତ । ସେ ଏକପ୍ରକାର ସନ୍ନ୍ୟାସୀର ଜୀବନ ଯାପନ କରୁଥିଲେ । ସକାଳୁ ନିତ୍ୟକର୍ମ ସାରି ପ୍ରିଣ୍ଟିଂ କଂପାନୀକୁ ଚାଲିଯାଉଥିଲେ । ଦିନସାରା ଆଉ ଫେରନ୍ତି ନାହିଁ । ଆହାର ଆଦି ସବୁ ସେଇଠି । ଏହା ଭିତରେ ମତଭେଦ ହେବାର କାରଣ କ'ଣ ଘଟିଲା ?

କେହି କେହି କହନ୍ତି, ରାମଶଙ୍କରଙ୍କର କେତେକ କାର୍ଯ୍ୟ ଏବଂ ରୁକ୍ଷ ବ୍ୟବହାର ଗୌରୀଶଙ୍କରଙ୍କୁ ଗଭୀର ଭାବରେ ଆଘାତ ଦେଇଥିଲା । ତେଣୁ ସେ ଏକପ୍ରକାର ନୀରବ ହୋଇଯାଇଥିଲେ, କହିଲେ ଚଳେ । ମୃତ୍ୟୁର ଅନ୍ତତଃ ୫/୬ ବର୍ଷ ପୂର୍ବରୁ ଏହି ଦୁଃଖଦ ଘଟଣାଟି ଘଟିଗଲା । ସେମାନେ ବି ଅଲଗା ହୋଇଯାଇଥିବାର ସଂପର୍କୀୟମାନେ କହନ୍ତି । ତେବେ କଟକରେ ଉଭୟେ 'ରାୟ ନିବାସ'ରେ ଏକାଠି ରହୁଥିବାରୁ ଏହି କଥା ବାହାରକୁ ମୋଟେ ଜଣାପଡୁ ନ ଥିଲା । ତେବେ ଗାଁରେ ରାମଶଙ୍କର ନିଜ ପାଇଁ ଅଲଗା ଚାଳଛପର ଘରଟିଏ ତିଆରି କରିଥିଲେ । ଦଶହରା ବେଳେ ଗାଁକୁ ଆସିଲେ ସେଇଠି ରହୁଥିଲେ ।

କ'ଣ ପାଇଁ ରକ୍ତର ସଂପର୍କ ମଝିରେ ପାଚେରି ଠିଆ ହୋଇଯାଏ, ତାହାର ଯଥାର୍ଥ କାରଣ ଏପର୍ଯ୍ୟନ୍ତ ଖୋଜାଯାଇପାରି ନାହିଁ । ସଂପତ୍ତି ଲୋଭ ଏଠାରେ ଦୁଇ ଭାଇଙ୍କ ମଧୁର ସଂପର୍କରେ ଫାଟ ସୃଷ୍ଟି କରିଥିବ, ଏକଥା ବିଶ୍ୱାସ କରାଯାଇପାରୁ ନାହିଁ । ଗୌରୀଶଙ୍କର ତ ଏକପ୍ରକାର ଗୃହତ୍ୟାଗୀ- ସନ୍ନ୍ୟାସୀର

Digitized by srujanika@gmail.com

ଜୀବନ କଟାଉଥିଲେ । ପୁଣି ରାମଶଙ୍କର ଏକପ୍ରକାର ତାଙ୍କର ପୁଅ ଥିଲେ କହିଲେ ଚଳେ । ତାଙ୍କ ସହିତ ସେ ବିବାଦ କରିବେ ସଂପତ୍ତି ପାଇଁ । ପୁଣି ଯାହାକୁ ଅନାଇ ସେ ନିଜର ଏକମାତ୍ର ପୁଅର ମରଣ ଦୁଃଖ ପାସୋରି ଥିଲେ, ସାମାନ୍ୟ ସଂପତ୍ତି ପାଇଁ ତାଙ୍କଠାରୁ ଅଲଗା ହେବେ ! ସେ କ'ଣ ପବିତ୍ର ଏଇ ସଂପର୍କଠାରୁ ଏତେ ବଡ଼ !

ମଣିଷର ମନ ହେଉଛି ଏକ ଦୁର୍ଗମ ଅରଣ୍ୟ ଭଳି । ତାକୁ ବୁଝିବା ଆଦୌ ସହଜ ନୁହେଁ ।

ରାମଶଙ୍କର ଯେ ଏହି ଘଟଣା ପାଇଁ ଖୁବ୍ ଶାନ୍ତି ପାଇଛନ୍ତି, ତାହା ବି ନୁହେଁ । ଶେଷରେ ସେ ଏଥିପାଇଁ ନିଜକୁ ଦାୟୀ କରିଛନ୍ତି । ହେଲେ କ'ଣ ହେବ ? ଫିଙ୍ଗିଲା କାଣ୍ଡ ଯେ ଅଣଲେଉଟା !

ଏହି ସମୟର ଆଉ ଗୋଟିଏ ଘଟଣାକୁ ଆମେ ଏହି ସଂପର୍କ ଖରାପ ହେବା ସହିତ ଯୋଡ଼ିପାରୁ । 'ଉତ୍କଳସଭା' (୧୮୯୨) କଥା ଆମେ ଆଗରୁ କହିଛୁ । ଗୌରୀଶଙ୍କର ଏଥିସହିତ ସଂପୃକ୍ତ ଥିଲେ । ରାମଶଙ୍କର ବି ଥିଲେ । ଏଥିରେ ଉଭୟ ବଙ୍ଗାଳୀ ଆଉ ଓଡ଼ିଆ ସଭ୍ୟ ଥିଲେ । ତେବେ ବଙ୍ଗାଳୀ ସଭ୍ୟମାନେ ଓଡ଼ିଆମାନଙ୍କୁ ବରାବର ଅଣଦେଖା କରୁଥିଲେ ବୋଲି ଅଭିଯୋଗ ହୁଏ । ବିବାଦ ଅଧିକ ବଢ଼ିବାରୁ ଧୀରେ ଧୀରେ ଓଡ଼ିଆମାନେ ଏଥିରୁ ବଙ୍ଗାଳୀ ସଭ୍ୟମାନଙ୍କୁ ବାହାର କରି ଅନୁଷ୍ଠାନଟିକୁ ନିଜ ଦଖଲକୁ ନେଇଯାଆନ୍ତି । ବଙ୍ଗାଳୀମାନେ ଚୁପ୍ ନ ରହି ନିଜର ଆଉ ଗୋଟିଏ ସମାନ୍ତରାଳ ସଂସ୍ଥା ଗଢ଼ି ଅନ୍ୟ ସକଳ ସଂପ୍ରଦାୟ ସଙ୍ଗେ ମିଳିମିଶି ଦେଶର ହିତ ସାଧନ କରିବା ସେମାନଙ୍କର ଉଦ୍ଦେଶ୍ୟ ବୋଲି ଘୋଷଣା କରନ୍ତି । ରାମଶଙ୍କର ବଙ୍ଗାଳୀମାନଙ୍କ ସହିତ ଯୋଗ ଦିଅନ୍ତି ।

ଗୌରୀଶଙ୍କର ସେତେବେଳକୁ ବଞ୍ଚି ଥାଆନ୍ତି । ହୁଏତ ସେ ରାମଶଙ୍କରଙ୍କୁ ଏଭଳି ନ କରିବାକୁ କହିଥିବେ । ମାତ୍ର ରାମଶଙ୍କରଙ୍କର ନିଷ୍ପତ୍ତି ବଦଳେ ନାହିଁ । ଏହାହିଁ ଗୌରୀଶଙ୍କରଙ୍କୁ ଦୁଃଖ ଦିଏ- ଖୁବ୍ ବେଶି ।

କଟକରେ ଓଡ଼ିଆ-ବଙ୍ଗାଳୀଙ୍କର ବିବାଦ ବେଶ୍ ପୁରୁଣା । ଭାଷା ବିବାଦକୁ ନେଇ ଯେତେବେଳେ ଏହି ବିବାଦ ଚରମ ଅବସ୍ଥାରେ, 'ଦୀପିକା' ପୃଷ୍ଠାରେ

Digitized by srujanika@gmail.com

ଓଡ଼ିଆମାନଙ୍କର ମୁଖପାତ୍ର ରୂପରେ ଗୌରୀଶଙ୍କର 'ସିଂହରଡ଼ି' ଦେଉଥିଲେ । ଓଡ଼ିଆ ଭାଷା ଆଉ ସଂସ୍କୃତିର ସୁରକ୍ଷା ପାଇଁ ସେ ଜୀବନ ସାରା ଲଢ଼େଇ କରି ଆସିଛନ୍ତି । ଶେଷରେ ତାଙ୍କରି ପରିବାରରୁ ତାଙ୍କ ପୁଅ ଭଳି ରାମଶଙ୍କର ଯେତେବେଳେ ବଙ୍ଗାଳୀଙ୍କ ତରଫରୁ ବାନା ଧରି ବାହାରି ପଡ଼ିଲେ, ଗୌରୀଶଙ୍କର ଦୁଃଖ ପାଇବା ସ୍ୱାଭାବିକ୍ ।

ତାଙ୍କର ଶେଷ ସମୟ ଆସିଯାଇଥିଲା । ରାମଶଙ୍କରଙ୍କୁ ବାଧା ଦେଇ ନ ପାରି ସେ ଶେଷରେ ନିଜକୁ ଗୋଟାଇ ନେଇଥିଲେ । ଏହା ଦୁଇ ଭାଇଙ୍କ ଭିତରେ ମତାନ୍ତରର ଗୋଟିଏ କାରଣ ହୋଇପାରେ ।

ବିବାଦ ଅଧିକ ହେବାରୁ ରାମଶଙ୍କର ଅବଶ୍ୟ ଘୋଷଣା କଲେ, "ମୁଁ" ବଙ୍ଗାଳୀ ହେବାକୁ ବସି ନାହିଁ । ମୋର ପୂର୍ବପୁରୁଷମାନେ ଓଡ଼ିଶାରେ ଘର କରି ରହିବା ଦିନଠାରୁ ମୋର ପିତୃପିତାମହାଦି ଚଉଦ ପୁରୁଷ ଓ ମୁଁ ଓଡ଼ିଆ । ମାତ୍ର ତାଙ୍କର ଏହି ମନକଥା ଶୁଣିବା ପାଇଁ ଗୌରୀଶଙ୍କର ଆଉ ଇହଧାମରେ ନ ଥିଲେ ।

ସେଦିନ ନିଜର ପିତୃସମ ବଡ଼ଭାଇଙ୍କୁ ମନେପକାଇ ରାମଶଙ୍କରଙ୍କର ଆଖିରେ କ'ଣ ଦୁଇବୁନ୍ଦା ଲୁହ ଜକେଇ ଆସିଥିବ ! ଗୌରୀଶଙ୍କରଙ୍କର ସ୍ୱର୍ଗତ ଆତ୍ମା କ'ଣ ସନ୍ତାନସମ ଏଇ ଅନୁଜର ତ୍ରୁଟି ବାଳଚପଳତା ନାମରେ କ୍ଷମା କରିଦେଇ ଶାନ୍ତି ପାଇଥିବ !

କେଜାଣି...

ସେହି ଶେଷ ଦିନଗୁଡ଼ିକ

ଗୌରୀଶଙ୍କର ବିଦାୟ ନେଇ ଚାଲିଗଲେ । ଜନ୍ମ ହେଲେ ମୃତ୍ୟୁ ନିଶ୍ଚୟ ଆସିବ । ଏକଥା ସମସ୍ତେ ଜାଣନ୍ତି । ତଥାପି ମୃତ୍ୟୁ ପାଇଁ ଶୋକ ପ୍ରକାଶ କରିବା ବନ୍ଦ ହୁଏ ନାହିଁ । ଦାଦା ଚାଲିଯିବା ପରେ ରାମଶଙ୍କରଙ୍କର ଛାତି ଭିତରର ନବେ ଭାଗ ଯେମିତି ଖାଲି ହୋଇଗଲା । ମୁଣ୍ଡ ଉପରୁ ବଡ଼ ବରଗଛର ଛାଇଟିଏ ଯେମିତି ସବୁଦିନ ପାଇଁ ଦୂରକୁ ହଟିଗଲା ଭଳି ଲାଗିଲା । ଏତେ ବଡ଼ ଦୁନିଆରେ ସେ

Digitized by srujanika@gmail.com

ଏକା- ଏହି ଚିନ୍ତାଟି ତାଙ୍କୁ ବିକଳ କରିଦେଲା । ନିଜକୁ ସେ ବଡ଼ ଅସହାୟ ମନେକଲେ ।

ପ୍ରକୃତରେ ମଣିଷ ଧନ, ମାନ ଆଉ ଜ୍ଞାନରେ ଯେତେ ବଡ଼ ହୋଇଥାଉନା କାହିଁକି ନିଜ ପାଖରେ କେହି ଜଣେ ଗୁରୁଜନ ଉପସ୍ଥିତ ଥିଲେ, ସେ ନିଜକୁ ନିରାପଦ ମଣେ । ଆଚରଣରେ 'ସାନପଣିଆ' ପ୍ରକାଶ କରିବା, ସତେ ଯେମିତି ସବୁ ମଣିଷର ପ୍ରକୃତି !

ସେମିତି ଯିଏ ଯେତେ ବଡ଼ ହୋଇଥାଉନା କାହିଁକି, ସେ ଚାଲିଗଲେ ତା' ପାଇଁ ସଂସାର ତ ଆଉ ଅଟକିଯିବ ନାହିଁ । ସବୁ ଚାଲେ, ଯେମିତି ଆଗରୁ ଚାଲୁଥାଏ । କୌଣସି ଶୂନ୍ୟସ୍ଥାନ କେବେହେଲେ ଚିରକାଳ ଖାଲି ରୁହେ ନାହିଁ । ଇଏ ହେଲା ଦୁନିଆର ନିୟମ ।

ରାମଶଙ୍କର ସବୁ କାମ କରୁଥାଆନ୍ତି । ଏତେବେଳକୁ ସେ କଟକ ମ୍ୟୁନିସିପାଲଟିର ଚେୟାରମ୍ୟାନ । ଏହି ସଂସ୍ଥାଟିକୁ ସେ କହିଲା ପରି ନିଜ ହାତରେ ଗଢ଼ିଛନ୍ତି । କେତେଗୁଡ଼ିଏ ନିୟମ କରି ସହରର ଚିତ୍ର ବଦଳାଇବାକୁ ଚେଷ୍ଟା କରି ଆସୁଛନ୍ତି । ସବୁଆଡ଼େ ଥରେ ନଜର ନ ପକାଇଲେ ମନ ସନ୍ତୁଷ୍ଟ ହୁଏ ନାହିଁ । ଏଣେ କୌଣସି କାମ ପାଇଁ ଯେମିତି ପୂର୍ବର ସେଇ ଆଗ୍ରହ କୌଣସିମତେ ଆସୁ ନାହିଁ । କରିବାକୁ ପଡ଼ିବ ବୋଲି ଯାହା କରିବା କଥା । ୧୯୨୪ ମସିହାରେ ତାଙ୍କୁ ପୁଣି ସେଇ ଅନୁଷ୍ଠାନର 'ପ୍ରେସିଡେଣ୍ଟ' କରି ଦିଆଗଲା । ମ୍ୟୁନିସିପାଲଟିର ସବୁଠାରୁ ବଡ଼ପାହିଆ ।

ଇଏ ପୁଣି ଗୋଟାଏ ନୂଆ ପଧିବ !

ଦାଦା ମନେପଡ଼ନ୍ତି ସବୁବେଳେ । ସୁଖରେ, ଦୁଃଖରେ, ଆନନ୍ଦରେ ପୁଣି ବିଷାଦରେ । ଜୀବନଯାକ କେବଳ ଦେଇଯାଇଛନ୍ତି । ନେଇ ନାହାନ୍ତି କାହାରିଠୁଁ କିଛି । ସେ ନିଜେ ବା ତାଙ୍କ ପାଇଁ କ'ଣ କେତେ କରିଛନ୍ତି ।

ଛାପାଖାନାକୁ ଏତେ ଭଲ ପାଉଥିଲେ । ଜୀବନର ଅଧାରୁ ଅଧିକ ସମୟ କଟିଛି, ସେଇଠି । କଳ ସାଙ୍ଗରେ କଳ ହୋଇ ଖଟୁଥିଲେ । କୋଉଠି କିଛି ଅସୁବିଧା ହେଲେ, ସେ ବୁଝିପାରୁଥିଲେ ଆଗ ।

Digitized by srujanika@gmail.com

ତାଙ୍କରି ନାଆଁରେ ସେ ଛାପାଖାନାଟିଏ ବସାଇଛନ୍ତି । ନାଆଁ ଗୌରୀଶଙ୍କର ପ୍ରେସ । ଏବେ ଭଲ ଚାଲୁଛି । ଦେଖାଶୁଣା କରୁଛି ପୁଅ ଶଶାଙ୍କ ଶେଖର । ସେ ନିଜେ ଏବେବି ଲେଖାଲେଖି ଛାଡ଼ି ନାହାନ୍ତି । ତେବେ ନାଟକ ଆଉ ଲେଖୁ ନାହାନ୍ତି ଅନେକ କାଳୁ । ଶେଷ ନାଟକ ଲେଖିଥିଲେ 'ରାମାଭିଷେକ' ୧୯୧୭ରେ କୋଠପଦା ମଠର ନୂଆ ମହନ୍ତ ରାମନାଥପୁରୀଙ୍କ ଅନୁରୋଧରେ । ମହନ୍ତ କହିଲେ- ଆଜ୍ଞା, ଆପଣ 'ରାମ ବନବାସ' (୧୮୯୨) ନାଟକ ଲେଖି ରାମଙ୍କୁ ବନବାସ ପଠାଇଛନ୍ତି । ତାଙ୍କୁ ଫେରାଇ ଆଣନ୍ତୁ । ସେ ଅଯୋଧ୍ୟାର ରାଜା ହୋଇ ପ୍ରଜା ପାଳନ୍ତୁ । ଲୋକେ 'ରାମରାଜ୍ୟ'ରେ ରହିବାର ଆନନ୍ଦ ପାଆନ୍ତୁ ।

ରାମନାଥଙ୍କୁ ସେ ନିଜର ପୁଅ ଭଳି ସ୍ନେହ କରୁଥିଲେ । ରଘୁନାଥପୁରୀଙ୍କ ସାଙ୍ଗରେ ତାଙ୍କର ଯେତେବେଳେ ମଠର ମାଲିକାନା ନେଇ କୋର୍ଟ କଚେରି ଚାଲିଥିଲା ସେ ରାମନାଥଙ୍କୁ ମାନସିକ ସମର୍ଥନ କରିଥିଲେ । ରଘୁନାଥ ତ ରାମନାଥଙ୍କୁ ରୋକିବାକୁ 'ଗୋରେଖନାଥ' ନାମରେ ନୂଆ ଚେଲାଟିଏ ବି କରିଥିଲେ । ରଘୁନାଥଙ୍କ ଅନ୍ତେ ତାଙ୍କରି ପରାମର୍ଶରେ ରାମନାଥ 'ଗୋରେଖନାଥ'ଙ୍କୁ ନିଜର ଚେଲା କରି ନେଇଥିଲେ । ନ ହେଲେ ଆଗକୁ ଏଥିରୁ ପୁଣି କ'ଣ ଗଣ୍ଡଗୋଳ ବାହାରି ଥାଆନ୍ତା କିଏ ଜାଣେ !

ରାମନାଥଙ୍କର ଅଳିକୁ ଟାଳି ନ ପାରି ସେ ଲେଖିଥିଲେ 'ରାମାଭିଷେକ' ନାଟକ । ବହୁତ ପରିଶ୍ରମ କରିଥିଲେ । ହେଲେ ଲୋକଙ୍କ ମନକୁ ପାଇଲା ନାହିଁ ବୋଲି ଶୁଣିଲେ । ତା' ପରଠୁଁ ସେ ଆଉ ନାଟକ ଲେଖି ନାହାନ୍ତି । ତେବେ ଲେଖାଲେଖି ଛାଡ଼ି ନାହାନ୍ତି । ଇଏ ଯଦିବା ଛାଡ଼ିବାକୁ ଚାହିଁବେ, ଲେଖା ତାଙ୍କୁ ଛାଡ଼ିଲେ ତ !

କିନ୍ତୁ ଏବେ ଯାହା ଲେଖୁଛନ୍ତି, ସେ ସବୁ ଧର୍ମ ଉପରେ । ୧୯୨୭ ମସିହାରେ ସେ 'ମନୁସ୍ମୃତି'ର ଅନୁବାଦ ପ୍ରକାଶ କଲେ । ମାଂସ ଭକ୍ଷଣରେ ଦୋଷ ନାହିଁ ବୋଲି ମନୁ କୁଆଡ଼େ ଲେଖିଯାଇଛନ୍ତି । ଅନେକ ଦିନରୁ ପଣ୍ଡିତମାନେ ଏଇ କଥା ପ୍ରଚାର କରି ଆସୁଛନ୍ତି । ସେ ନିଜେ ବହିଟିକୁ ବାରମ୍ବାର ପଢ଼ିଲେ । ବେଦ-ଉପନିଷଦ ଘାଣ୍ଟିଲେ । କେଉଁଠିରୁ ଏହାର ପ୍ରମାଣ ପାଇଲେ ନାହିଁ । ସେଇ

Digitized by srujanika@gmail.com

କଥା ସେ ତାଙ୍କ ଅନୁବାଦରେ ଲେଖିଛନ୍ତି । ତା' ପର ବର୍ଷ ସେ 'ଶ୍ୱେତାଶ୍ୱେତର ଉପନିଷଦ'ର ଅନୁବାଦ ପ୍ରକାଶ କଲେ । ମଝିରେ ମଝିରେ 'ମୁକୁର', 'ଉତ୍କଳ ସାହିତ୍ୟ' ଇତ୍ୟାଦି ପାଇଁ ପ୍ରବନ୍ଧ ବି ଲେଖୁଥାଆନ୍ତି ।

ଏବେ ଦିନେ ପୁରୁଣା 'ଉତ୍କଳ ସାହିତ୍ୟ' ପତ୍ରିକା ଘାଣ୍ଟୁ ଘାଣ୍ଟୁ 'ନିଭୃତ ନିଳୟ' ବୋଲି ଗୋଟିଏ କବିତା ତାଙ୍କ ଆଖିରେ ପଡ଼ିଲା । ଲେଖକ ସେ ନିଜେ । ଜୀବନର ଏକମାତ୍ର କବିତା । ଏମିତିରେ କହିବାକୁ ଗଲେ, କାବ୍ୟ ଲେଖାରୁ ତ ସେ ନିଜର ସାହିତ୍ୟିକ ଜୀବନ ଆରମ୍ଭ କରିଥିଲେ । 'ପ୍ରେମତରୀ ଗାଥା' ତାଙ୍କର ପ୍ରଥମ ଆଉ ଶେଷ କାବ୍ୟ । ସେ ଯେ ଜଣେ ସୁକବି ନୁହନ୍ତି, ଏକଥା ତାଙ୍କ ଅପେକ୍ଷା ଆଉ ଅଧିକ କିଏ ଜାଣେ ? ନାଟକ ପାଇଁ ଯଥେଷ୍ଟ ଗୀତ ଲେଖିଛନ୍ତି ଅବଶ୍ୟ । ତେବେ ସେଗୁଡ଼ିକ ଯେ ଭଲ ଭାବରେ ଉତୁରି ନାହିଁ । ସେଇ କଥା ବୁଝିପାରିବାରୁ ସିନା ସେ ସେଆଡୁ ମନ ଫେରାଇ ନେଲେ ! ପୁଣି ଏତେବେଳକୁ ରାଧାନାଥ, ମଧୁସୂଦନ, ନନ୍ଦକିଶୋର ଆଉ ଗଙ୍ଗାଧରଙ୍କ ଭଳି ନାଉଁଆ କବିମାନେ ବାହାରି ପଡ଼ିଲେଣି । ଫକୀରମୋହନ ଅବା କୋଉ କମ୍ ! ଏମାନଙ୍କ ଆଗରେ ସେ କୋଉ ଗାଈର ଗୋବର !

ଠିକ୍ ସମୟରେ କବିତା ଲେଖାରୁ ଓହରି ଯାଇଥିବାରୁ ଆଜି ମାନଟା ରହିଯାଇଛି । ରାମଶଙ୍କର କବିତାଟିକୁ ଆଉଥରେ ଦେଖିଲେ । ବାହାରିଛି 'ସାହିତ୍ୟ'ର ଡିସେମ୍ବର ୧୯୧୬ ସଂଖ୍ୟାରେ । ତାଙ୍କର ସବୁ କଥା ମନେପଡ଼ିଗଲା । କିଛିଦିନ ପୂର୍ବେ ସେ ଧବଳେଶ୍ୱର ପଠାର ରାଧାନାଥ ପୁତ୍ର ଶଶିଭୂଷଣଙ୍କ ଦ୍ୱାରା ନିର୍ମିତ 'ନିଭୃତ ନିଳୟ' ଦେଖିବାକୁ ଯାଇଥିଲେ ତାଙ୍କରି ନିମନ୍ତ୍ରଣରେ । ପ୍ରକୃତିର କୋଳରେ ଶାନ୍ତ ଆଉ ନିର୍ଜନ ପରିବେଶରେ ରହିବା ପାଇଁ କବିବର ଏଠାରେ କିଛି ସମୟ କଟାଉଥିଲେ ।

ରାମଶଙ୍କରଙ୍କୁ ଜାଗାଟି ଭାରି ଭଲ ଲାଗିଥିଲା । ବାପାର ମନ ପୁଅ ଅପେକ୍ଷା ଅଧିକ ଭଲ କିଏ ଜାଣେ ! କଟକ ଫେରିଆସି ସେ ନିଜର ଚିନ୍ତାକୁ କବିତା ଆକାରରେ ଲେଖି 'ଉତ୍କଳ ସାହିତ୍ୟ'କୁ ପଠାଇ ଦେଇଥିଲେ । ଛୋଟ କବିତାଟି ରାମଶଙ୍କର ଆବୃତ୍ତି କରିବାକୁ ଲାଗିଲେ-

Digitized by srujanika@gmail.com

ସ୍ୱାସ୍ଥ୍ୟର ଉନ୍ନତି ଲାଭେ ମାନସ ବିକାଶ
ଇଙ୍ଗିତ କରଇ ପାନ୍ଥେ ଆସ ଆସ ଆସ ।
କୋଳାହଳ ପ୍ରପୀଡ଼ିତେ ସାନ୍ତ୍ୱନା ସକାଶ
ଶାନ୍ତି ସୁଧା ଘେନିଠାରେ ଆସ ଆସ ଆସ ।
ପରମାର୍ଥ ପ୍ରୟୋଜନ ନୁହଁଇ ପଳାଶ
ଯୋଗ୍ୟ ବାସ ମାରେ ଆଖି ଆସ ଆସ ଆସ ।

ଛଅ ଧାଡ଼ିର ଏଇ କବିତାଟି ମୋଟେ ଏତିକି । ତାଙ୍କୁ ସ୍ନେହ କରୁଥିବାରୁ କରେ ଏହାକୁ ଛାପିଛନ୍ତି ସିନା, ନ ହେଲେ ଯାକୁ କ'ଣ କବିତା କୁହାଯିବ ।

ସ୍ନେହ ଆଗରେ ଯୋଗ୍ୟତା ତ କାଳେ କାଳେ ପରାଜିତ ହୋଇଆସିଛି । ରାମଶଙ୍କର ମନେ ମନେ ଅଳ୍ପ ହସିଲେ ।

ଏତିକିବେଳେ ସରକାର ତାଙ୍କୁ 'ରାୟ ବାହାଦୁର' ଉପାଧିରେ ଭୂଷିତ କଲେ ୧୯୨୯ ମସିହାରେ । ଜୀବନ ବ୍ୟାପୀ ଲୋକସେବାର ସ୍ମାରକୀ ରୂପେ ତାଙ୍କୁ ଏହିଭଳି ସମ୍ମାନ ଦିଆଯାଉଛି ବୋଲି ସରକାରୀ ଗେଜେଟରୁ ଜଣାପଡ଼ିଲା ।

ଘରେ ବାହାରେ ଚାରିଆଡ଼େ ଆନନ୍ଦର କୋଳାହଳ- ଚାରିଆଡୁ ଶୁଭେଚ୍ଛା, ମଙ୍ଗଳ ମନାସ, ଆଶୀର୍ବାଦର ସୁଅ ବୋହିଆସୁଛି । ତା'ରି ଭିତରେ ଏକୁଟିଆ ଠିଆ ହୋଇ ରାମଶଙ୍କର ଭାବୁଛନ୍ତି, ଦାଦା ଥିଲେ ଆଜି କେତେ ଖୁସି ହୋଇଥାଆନ୍ତେ । ସେ ବି ତ 'ରାୟ ବାହାଦୁର' ହୋଇଥିଲେ ।

ତାଙ୍କ ଆଖିରେ ଦୁଇ ବୁନ୍ଦା ଲୁହ ଢଳଢଳ ହେଉଥିଲା ।

ବୟସ ସତୁରୀ ଡେଇଁଲାଣି । ତଥାପି କାମ ଛିଡୁ ନାହିଁ କି ଜୀବନର ମାୟା ତୁଟୁ ନାହିଁ । ଦୀର୍ଘକାଳ ଧରି ଦଶହରାରେ ନିଜ ଗାଁ ଦୀକ୍ଷିତପଡ଼ା ଯିବା ଏକ ନିୟମ ହୋଇଯାଇଥିଲା । ମାଆଙ୍କ ପ୍ରତିମା ନିକଟରେ ମହାଷ୍ଟମୀରୁ ଦଶମୀ ପର୍ଯ୍ୟନ୍ତ ବେଦପାଠ କରୁଥିଲେ । ଆଗ୍ରହୀ ଶ୍ରୋତାଙ୍କୁ ବୁଝାଉଥିଲେ । ବଡ଼ ଶାନ୍ତି ମିଳୁଥିଲା ।

ଗୌରୀଶଙ୍କରଙ୍କ ଅମଳରୁ ଦୀକ୍ଷିତପଡ଼ା ଘର ପାଖରେ ଚମତ୍କାର ବଗିଚାଟିଏ ରହିଛି । କାହିଁ କୁଆଡୁ କି କି ଦୁର୍ଲଭ ଗଛମାନ ଆଣି ସେ ଲଗାଇଥିଲେ । ଆପେ ଯତ୍ନ ନେଉଥିଲେ । ଆଜି ସେ ନାହାନ୍ତି ବୋଲି ବଗିଚା କ'ଣ ଉଜୁଡ଼ିଯିବ !

Digitized by srujanika@gmail.com

ସ୍ୱର୍ଗପୁରରେ ଥାଇଁ ତାଙ୍କର ଆତ୍ମା କ'ଣ ଭାବିବ !

ରାମଶଙ୍କର ଦୁର୍ବଳ ହାତରେ ବଗିଚାର ଯତ୍ନ ନିଅନ୍ତି । ଭଲ ଗଛର ସନ୍ଧାନ ପାଇଲେ ଲୋକ ପଠାଇ ଅଣାନ୍ତି । ଯାହା ଯେମିତି ଚାଲିଛି ଚାଲୁଥାଉ । ତାଙ୍କ ଅନ୍ତେ ଯାହା ହେବାର ହେବ- ସେ କୋଉ ଦେଖିବାକୁ ଆସିବେ !

ଗୌରୀଶଙ୍କର ଥିବାବେଳୁ ପ୍ରତି ଶନିବାର ରାତିରେ ପ୍ରିଣ୍ଟିଂ କଂପାନୀ ହଲରେ ଗୀତନାଚର ଆସର ଜମୁଥିଲା । ସହରର ଜଣାଶୁଣା ଭଦ୍ରଲୋକ ନିମନ୍ତିତ ହୋଇ ଯୋଗ ଦେଉଥିଲେ । 'ବାଇନାଚ'କୁ କେତେକ ନିନ୍ଦା କରିବାରୁ 'ଦୀପିକା' ପୃଷ୍ଠାରେ ଗୌରୀଶଙ୍କର ନିଜେ ତାହାର ଭଲ ଦିଗଟିକୁ ଦେଖାଇ ଲମ୍ବା ଲେଖା ଲେଖିଥିଲେ । ରାମଶଙ୍କରଙ୍କର ପ୍ରଥମ ନାଟକ 'କାଞ୍ଚିକାବେରୀ'କୁ ମୂଳରୁ ଚୂଳ ପର୍ଯ୍ୟନ୍ତ ପଢ଼ି ସଂଶୋଧନ କରିବା ଏବଂ ପ୍ରଥମ ଅଭିନୟର ନିର୍ଦ୍ଦେଶନା ଦେବା କଥା ସମସ୍ତେ ଜାଣନ୍ତି ।

ପରିବାରରେ ନିୟମିତ କଳା ଚର୍ଚ୍ଚା ହେଉଥିବାରୁ ରାମଶଙ୍କରଙ୍କର ମଧ୍ୟ ଏ ଦିଗରେ ରୁଚି ବଢ଼ିଲା । ପ୍ରାଚୀନ ଛାନ୍ଦ, ଚଉପଦୀ, ଜଣାଣ ସହିତ ଶାସ୍ତ୍ରୀୟ ସଙ୍ଗୀତ ଚର୍ଚ୍ଚାକୁ ସେ ବଡ଼ ଭଲ ପାଉଥିଲେ । ସପ୍ତାହର ଦୁଇଟି ଦିନ ଏଥିପାଇଁ ସେ ଅଲଗା ରଖୁଥିଲେ ।

ଭାବିଲେ ଆଶ୍ଚର୍ଯ୍ୟ ଲାଗେ... ରାମଶଙ୍କରଙ୍କର ଏଇ ଜୀବନ ସତେ ଯେମିତି 'ଦର୍ପଣ'ରେ ପ୍ରତିଫଳିତ ଗୌରୀଶଙ୍କରଙ୍କର ନିଜର ଜୀବନ । ଗୌରୀଶଙ୍କର ଯେଉଁ ବାଟ କାଟି ଆଗେଇ ଚାଲିଛନ୍ତି, ରାମଶଙ୍କର ବି ତାଙ୍କରି ପାଖେ ପାଖେ ସେଇ ବାଟରେ ସମାନ ତାଳରେ ଆଗେଇ ଚାଲିଛନ୍ତି ! ସତେ ଯେମିତି ଜୀବନ ଦୁଇଟା ନୁହେଁ- ଗୋଟାଏ । ସମାନ ଆଉ ସମାନ୍ତର !

ତେସ୍ତରୀ ବର୍ଷ ବୟସରେ ରାମଶଙ୍କର ପଛକୁ ଫେରି ଅନାନ୍ତି । ଶକ୍ତି ସରି ସରି ଆସୁଛି । ଦେହ ସହିତ ଦୁର୍ବଳ ହେଉଛି ମନ । ପାରିବାରିକ ଦାୟିତ୍ୱ ଯାହା ଯେମିତି ତୁଲାଇବାର କଥା ସାରିଛନ୍ତି । ସନ୍ତାନମାନେ ଯେଝା ବୃତ୍ତିରେ ଯିଏ । କର୍ତ୍ତବ୍ୟ ରହିଯାଇଛି, ନିଜର ସାରସ୍ୱତ ସନ୍ତାନମାନଙ୍କ ପ୍ରତି ।

Digitized by srujanika@gmail.com

ଗତ ପଚାଶ/ ପଞ୍ଚାବନ ବର୍ଷ ଭିତରେ ସେ ମନ୍ଦ କିଛି ଲେଖି ନାହାନ୍ତି । ଗୋଟିଏ କାବ୍ୟ, ପୂର୍ଣ୍ଣାଙ୍ଗ ଉପନ୍ୟାସଟିଏ, ଚଉଦଟି ସଂପୂର୍ଣ୍ଣ ନାଟକ ପୁଣି ବେଦ-ଉପନିଷଦ ପ୍ରଭୃତିର ବିପୁଳ ଅନୁବାଦ ସାହିତ୍ୟ- ତା' ଉପରେ ଭ୍ରମଣ କାହାଣୀ ଆଉ ପ୍ରବନ୍ଧ ଆଦି ବି ରହିଛି । ବଞ୍ଚି ଥାଉଁ ଥାଉଁ ଏ ସବୁର ଗୋଟିଏ କିଛି ଗତି କରିଦେଇ ନ ଗଲେ, ସବୁ କୁଆଡ଼େ ଉଡ଼ି ବୁଡ଼ିଯିବ । ଗୋଟିଏ ବୋଲି ପୁଅ । ଏ ସବୁଆଡ଼େ ତା'ର ମନ ନାହିଁ । ଦେଶବାସୀଙ୍କର ଗ୍ରାହକତା କଥା ତାଙ୍କୁ ଜଣାଅଛି । ଏବେ ଦେଶସେବୀ ନାମରେ ଗୋଟିଏ ନୂଆ ଗୋଷ୍ଠୀ ବାହାରିଛନ୍ତି । ଗାନ୍ଧୀ ଯେତେବେଳେ ଭାରତର ରାଜନୈତିକ ଆକାଶରେ ଉଦୟ ହୋଇ ନ ଥିଲେ, ସେତେବେଳୁ ସେ ଜାତୀୟ କଂଗ୍ରେସର ବିଭିନ୍ନ ଅଧିବେଶନମାନଙ୍କରେ ଯୋଗଦେଇ ଆସୁଛନ୍ତି । ଅନ୍ତତଃ ପାଞ୍ଚ କି ଛ'ଥର ସେ କଲିକତା, ମାନ୍ଦ୍ରାଜ ପ୍ରଭୃତି ବିଭିନ୍ନ ସ୍ଥାନକୁ ଯାଇଛନ୍ତି । ଆଜି କଂଗ୍ରେସରେ ତାଙ୍କର ସ୍ଥାନ କାହିଁ ?

ସେ କ'ଣ ଦେଶକୁ ଭଲପାଇ ନ ଥିଲେ ? ଦେଶର ସେବା କ'ଣ ତାଙ୍କର ଉଦ୍ଦେଶ୍ୟ ନ ଥିଲା । ତାଙ୍କର ଦୋଷ- ସେ ନିଜର ପ୍ରଚାର କରି ନ ଥିଲେ । ବିଜ୍ଞାପନହୀନ ଆଦର୍ଶର କି ମୂଲ୍ୟ ଆଜିକାଲି !

ସେ ନିଜର ନିର୍ବାଚିତ ରଚନାର ଗୋଟିଏ ସଂକଳନ ପ୍ରକାଶ କରିବାକୁ ସ୍ଥିର କଲେ । ଏହାର ଫଳ ହେଉଛି 'ରାମଶଙ୍କର ଗ୍ରନ୍ଥାବଳୀ' (୧୯୩୦) ତାଙ୍କର ଜୀବଦ୍ଦଶାରେ ପ୍ରକାଶିତ ଏହି ସଂକଳନରେ 'ପ୍ରେମତରୀ ଗାଥା', 'ବିବାସିନୀ' ସହିତ ଚଉଦଟିଯାକ ନାଟକ ପ୍ରକାଶ ପାଇଛି । ସ୍ୱପ୍ନ ଥିଲା, ଦ୍ୱିତୀୟ ଖଣ୍ଡରେ ଅନୁବାଦଗୁଡ଼ିକୁ ପ୍ରକାଶ କରିବେ । ମାତ୍ର ତାହା ଚିରକାଳ ପାଇଁ ଅପୂର୍ଣ୍ଣ ରହିଗଲା ।

ରାମଶଙ୍କର ବସି ବସି ଭାବନ୍ତି । ଏବେ ପଛକଥା ସବୁ ଭାବିବାକୁ ତାଙ୍କୁ ଭାରି ଭଲ ଲାଗୁଛି । ଦିନେ ଏଇ 'ରାୟ ନିବାସ' ଥିଲା କେତେ କର୍ମଚଞ୍ଚଳ; କେତେ କୋଳାହଳମୟ । ଗୌରୀଶଙ୍କର ବିଛଣା ଛାଡ଼ି ରୋଷେୟାକୁ ଚା' ପାଇଁ ଡାକ ଛାଡ଼ିଲେ, ବିଛଣାରେ ଥାଇ ବି ସମସ୍ତେ ବୁଝିଯାଉଥିଲେ, ରାତି ପାହିଲାଣି । 'ରାୟ ନିବାସ' ଜାଗି ଉଠୁଥିଲା । ଆଜି ସବୁ ନିର୍ଜନ, ନିସ୍ତବ୍ଧ ।

Digitized by srujanika@gmail.com

ତାଙ୍କର ଏକମାତ୍ର ଦୁଃଖ- ଦାଦା ତାଙ୍କୁ ଭୁଲ ବୁଝି ବିଦାୟ ନେଇଗଲେ । ଜୀବଦ୍ଦଶାରେ ସେ ତାଙ୍କୁ ବୁଝାଇପାରିଲେ ନାହିଁ । ଏଠି ନ ହେଲେ ଆଉ କୋଉଠି ହେଲେ ତ ତାଙ୍କ ସହିତ ଦେଖାହେବ ! ସେ ତାଙ୍କୁ ସବୁ ବୁଝାଇ କହିବେ । ବିଶ୍ୱାସ, ସେ ନିଶ୍ଚୟ ତାଙ୍କର ଅପରାଧକୁ କ୍ଷମା ଦେବେ ।

କେବେ ଦେଖା ହେବ ? କେଉଁଠି, କେବେ ?

୧୯୩୧ ମସିହା ସେପ୍ଟେମ୍ବର ମାସ ପହିଲା । ଭରା ଭାଦ୍ରବର ଟାଇଁଟାଇଁଆ ଖରାକୁ ରାଉରାଉଆ ବର୍ଷା । ପାଗର ଠିକ୍ ଠିକଣା ନାହିଁ । ଏତିକିବେଳେ ରାମଶଙ୍କର ଜରରେ ପଡ଼ିଲେ । ପାଗ ବଦଳିଲେ ଦେହ ଖରାପ ହୁଏ । ଚିନ୍ତା କରିବାର କିଛି ନାହିଁ । ଜର ହୋଇଛି, ଛାଡ଼ିବ । ବିଛଣାରେ ଶୋଇ ଶୋଇ ରାମଶଙ୍କର ଭାବନ୍ତି । ଚଉସ୍ତରୀ ବର୍ଷର ଉଇଖିଆ ଦେହ । ସେ ଏଇ ଜ୍ୱରର ଦାଉ ସହିପାରିବ ତ ! ଜରଟା ଛାଡୁ ନାହିଁ । ଔଷଧପତ୍ର ମାନୁ ନାହିଁ । ଆଖି ବୁଜିଲେ ରାମଶଙ୍କର ଦେଖିବାକୁ ପାଉଛନ୍ତି- ସେଇମାନଙ୍କୁ- ଯେଉଁମାନେ ଦିନେ ତାଙ୍କ ପାଖରେ ଥିଲେ । କେତେ ମାନ, ଅଭିମାନ, ରାଗରୋଷ ଭିତରେ ତାଙ୍କ ସାଙ୍ଗେ ସାଙ୍ଗେ ଚାଲିଥିଲେ । ଆଜି ବି ସେମାନେ ଆସୁଛନ୍ତି । ହାତ ଠାରି ଡାକୁଛନ୍ତି । ସବାପଛରେ ଅଛନ୍ତି ଦାଦା- ବଡ଼ଦାଦା ଗୌରୀଶଙ୍କର । ଗମ୍ଭୀର କଣ୍ଠରେ କହୁଛନ୍ତି, ଆୟ, ଚଲେ ଆୟ, ମିଛାମିଛି କେନ କଷ୍ଟ ପାଛି !

ଡାକ୍ତରଙ୍କ ମୁହଁ ଗମ୍ଭୀର ଦେଖାଯାଉଛି । ସେରିବ୍ରାଲ ମେଲେରିଆ- ଅସାଧ୍ୟ ରୋଗ- ରୋଗୀର ଚେତା ନାହିଁ । ବେଳେବେଳେ ଗୁଣୁ ଗୁଣୁ ହୋଇ କ'ଣ କହୁଛନ୍ତି । ପୁଣି ଚେତା ଚାଲିଯାଉଛି । ଶେଷକୁ ସବୁ ଶେଷ ହୋଇଗଲା । ସେପ୍ଟେମ୍ବର ମାସ ତେର ତାରିଖ ସନ୍ଧ୍ୟା । 'ଡେଡ୍' ବୋଲି କହି ଡାକ୍ତର ଧଳା ଚାଦରଟିକୁ ମୃତ ଦେହ ଉପରକୁ ଟାଣି ଆଣିଲେ ।

ରାୟ ନିବାସରେ ଶୋକର ଛାୟା ।

ଶୋକାକୁଳ 'ଉତ୍କଳ ସାହିତ୍ୟ' ଲେଖିଲେ, ତାଙ୍କ ବିୟୋଗରେ ଉତ୍କଳ ସାହିତ୍ୟ କ୍ଷେତ୍ରରୁ ସେହି ପ୍ରାଥମିକ ଯୁଗର ଶେଷ ଚିହ୍ନଟିକ ଲୁପ୍ତ ହେଲା । କେବଳ ସାହିତ୍ୟ କ୍ଷେତ୍ର କାହିଁକି ନାନା ବିଷୟରେ ରାମଶଙ୍କର ସେ ଯୁଗର କର୍ମୀଦଳର

Digitized by srujanika@gmail.com

ପ୍ରକୃତି, ରୀତିନୀତି ଓ ସାଧନାର ଜୀବନ୍ତ ମୂର୍ତ୍ତିସ୍ୱରୂପ ଆମ୍ଭମାନଙ୍କ ମଧ୍ୟରେ ବିଦ୍ୟମାନ ଥିଲେ । ପ୍ରାଚୀନ ସଙ୍ଗେ ନବୀନର ଅପୂର୍ବ ମିଳନ ତାଙ୍କ ଜୀବନରେ ଯେପରି ସଂଘଟିତ ହୋଇଥିଲା, ତାହା ଆଉ ଦେଖିବାର ଆଶା ନାହିଁ ପରା ! (ଉ. ସା., ଭା. ୩୫, ସଂ.-୬, ଆଶ୍ୱିନ, ୧୩୩୮ ସାଲ, ପୃ. ୨୪୬-୪୭)

●

Digitized by srujanika@gmail.com

ସାହିତ୍ୟ ଓ ସାହିତ୍ୟିକଙ୍କ ଜୀବନୀ ଓ କୃତି ସବୁବର୍ଗର ମଣିଷ ପାଇଁ ଅତି ଆବଶ୍ୟକ । ସାହିତ୍ୟ ଆମକୁ ଆମ ସଂସ୍କୃତି ସହିତ ଜଡ଼ିତ କରାଇଥାଏ ଓ ଆମ ଭବିଷ୍ୟତକୁ ବାଟ ବତାଇଥାଏ । ସାହିତ୍ୟ ଜରିଆରେ ଆମେ ସମାଜ-ଧର୍ମ-କଳା ଓ ଦର୍ଶନକୁ ବୁଝୁ । ସମସ୍ତେ ସାହିତ୍ୟର ଗଭୀରତାକୁ ଯାଇ ପାରନ୍ତି ନାହିଁ । ବିଶିଷ୍ଟ ସାହିତ୍ୟିକ ଓ ସାହିତ୍ୟକୃତି ସଂପର୍କରେ ଅଳ୍ପରେ ସମସ୍ତଙ୍କୁ ଅବଗତ କରାଇବାକୁ ଏହି ସଯତ୍ନ ପ୍ରୟାସ- ସମସ୍ତଙ୍କ ପାଇଁ ସାହିତ୍ୟମାଳା ।

ନଟସମ୍ରାଟ୍ ରାମଶଙ୍କର ରାୟଙ୍କ ସଂପର୍କରେ ଆଲେଖ୍ୟ ପ୍ରସ୍ତୁତ କରିଛନ୍ତି ଡକ୍ଟର ହେମନ୍ତ କୁମାର ଦାସ ।

ISBN 93-82360-88-3
9789382360889

Digitized by srujanika@gmail.com